ଭଙ୍ଗା ଘରେ ଚକା ଜହ୍ନ

# ସଂକୀର୍ଣ୍ଣ ରାସ୍ତାରେ ହଜାରେ ଟ୍ରାଫିକ୍ ନିୟମ !

ବଲାଙ୍ଗିର, ୬।୨(ସମିସ)

ବଲାଙ୍ଗିର ପୁଲିସର ଅଜବ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା। ଯୁଆଡେ ଦେଖିଲେ ସିଆଡେ ବ୍ଲକିଂ। କଚେରି ଛକଠାରୁ

**କଚେରି ଛକରୁ ଭାଗରଥୀ ଛକ 'ନୋ ୟୁ' ଟର୍ଣ୍ଣ ଜୋନ୍**

**ପୁରୁଣା ରାଜବାଟୀ, ସିଡିଏମଓ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ବନ୍ଦ**

**ଅସ୍ଥାୟୀ ବାଡ଼ ଲଗାଇ ପୁଲିସର ରାସ୍ତା ବ୍ଲକିଂ**

ଭାଗରଥୀ ଛକ, ପାଟଣା ହୋଟେଲ ଛକଠାରୁ କଚେରି ଛକ ରାସ୍ତା ଏବେ 'ନୋ ୟୁ' ଟର୍ଣ୍ଣ ଜୋନ। ପୂର୍ବରୁ ରାସ୍ତା ମଝିରେ ଥିବା କିଛି ଖାଲି ସ୍ଥାନକୁ ପୁଲିସ ବନ୍ଦ କରିଦେଇଥିବା ବେଳେ ଏବେ ପୁଣି କିଛି ସ୍ଥାନରେ ବ୍ଲକିଂ କରାଯାଇଛି। ଫଳରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟ୍ରାଫିକରେ ଅଯଥା ଚାପ ବୃଦ୍ଧି ହେଉଥିବା ଅଭିଯୋଗ ହୋଇଛି। ପୁଲିସର ଏହି ପଦକ୍ଷେପ ଭଙ୍ଗା ଘରେ ଚକା ଜହ୍ନ ସଦୃଶ ଆଲୋଚନାର ବିଷୟ ପାଲଟିଛି।

ବଲାଙ୍ଗିର ମୁଖ୍ୟରାସ୍ତା ପର୍ଯ୍ୟାପ୍ତ ଭାବେ ପ୍ରଶସ୍ତ ନାହିଁ। ସଂକୀର୍ଣ୍ଣ ରାସ୍ତା ସାଙ୍ଗକୁ ବ୍ୟବସାୟୀଙ୍କ ଜବରଦଖଲ ରାସ୍ତାକୁ ପୂର୍ବରୁ ହିଁ ସଂକୀର୍ଣ୍ଣ କରି ରଖିଛି। ଏହିଭଳି ପରିସ୍ଥିତିରେ କିଛି ବର୍ଷ ପୂର୍ବରୁ ବିନା କୌଣସି ଆଲୋଚନା, ବୈଠକରେ ପୁଲିସ ରାସ୍ତା ମଝିରେ ଡିଭାଇଡର ନିର୍ମାଣ କରିଥିଲା। ଡିଭାଇଡର ନିର୍ମାଣ କରିବା ସାଙ୍ଗକୁ ମଝି ମଝିରେ ରାସ୍ତାକୁ ସଂଯୋଗ





କରୁଥିବା ଖାଲିସ୍ଥାନକୁ ମଧ୍ୟ ପୁଲିସ ବନ୍ଦ କରିଦେଇଥିଲା। ଫଳରେ ଦୁର୍ଘଟଣା ସଂଖ୍ୟା ମଧ୍ୟ ବୃଦ୍ଧି ପାଇଥିଲା। ବିଶେଷ କରି ପାଟନା ଛକଠାରୁ ଭାଗରଥୀ ଛକ ପର୍ଯ୍ୟନ୍ତ ରହିଥିବା ରାସ୍ତାରେ ଏହାର ବେଶୀ ସମସ୍ୟା ଦେଖିବାକୁ ମିଳିଥିଲା। ପାଟଣା ହୋଟେଲ ଛକଠାରୁ କଚେରି ଛକ ଓ ସେଠାରୁ ଭାଗରଥୀ ଛକ ସହରବାସୀଙ୍କ ପାଇଁ ଏକ ମୁଖ୍ୟରାସ୍ତା। ଏହା ସାଙ୍ଗକୁ ଏହି ରାସ୍ତା କଡରେ ହିଁ ମୁଖ୍ୟ ବଜାର ମଧ୍ୟ ରହିଛି। ଫଳରେ ରାସ୍ତା ଭିଡ ହେବା ସ୍ୱାଭାବିକ କଥା। କିଛି ବର୍ଷ ପୂର୍ବରୁ ରାସ୍ତାରେ ନିର୍ମାଣ ହୋଇଥିବା ଡିଭାଇଡର ଯୋଗୁ ପୁରୁଣା ସରକାରୀ ବସଷ୍ଟାଣ୍ଡ ରାସ୍ତାକୁ ବନ୍ଦ କରାଯାଇଥିଲା। ସେହିପରି ବ୍ରାହ୍ମଣପଡ଼ା ରାସ୍ତାରେ ଏକ ଛୋଟିଆ ଫାଙ୍କା ଦିଆଯାଇଥିଲା। ଯାହାକି ଏବେବି ରହିଛି। ଫଳରେ ସବୁତକ ଗାଡି ସେହି ରାସ୍ତା ଦେଇ ଆରପଟକୁ ଯାଉଥିବା ବେଳେ ସଂକୀର୍ଣ୍ଣ ସ୍ଥାନ ଯୋଗୁ ଜାମ୍ ଲାଗି ରହୁଛି। ଅନ୍ୟପକ୍ଷରେ ଟାଉନ ଥାନା ସମ୍ମୁଖରେ ଥିବା ଫାଙ୍କାକୁ ବନ୍ଦ କରି ଦିଆଯାଇଥିବା ବେଳେ ପୁରୁଣା ରାଜବାଟୀ ସମ୍ମୁଖରେ ଥିବା ଫାଙ୍କାକୁ ୟୁ ଟର୍ଣ୍ଣ କିମ୍ବା ଆର ପଟକୁ ଯିବା ପାଇଁ ଫାଙ୍କା ଛଡାଯାଇଥିଲା। ଏହାସହ କୋଶଳ କଳା ମଣ୍ଡଳ ପଡ଼ିଆ ପଟରୁ ସିଡିଏମଓ କାର୍ଯ୍ୟାଳୟ ପଟ ରାସ୍ତାକୁ ଯିବା ପାଇଁ ମଧ୍ୟ ରାସ୍ତା ଛଡାଯାଇଥିଲା। ତେବେ ଏହି ଦୁଇ ସ୍ଥାନକୁ ମଧ୍ୟ ଏବେ ପୁଲିସ ଅସ୍ଥାୟୀ ବାଡ ଦେଇ ବନ୍ଦ କରିଦେଇଥିବା ବେଳେ ଏଠାରେ ସ୍ଥାୟୀ ବାଡ ଲଗାଇବା ପାଇଁ ଚିନ୍ତା କରୁଥିବା ଜଣାପଡ଼ିଛି। ଏହା ହେବା ଦ୍ୱାରା ଲୋକେ ମାତ୍ର କିଛି ମିଟର ରାସ୍ତା ପାଇଁ ଅଯଥା ଟ୍ରାଫିକ ପୋଷ୍ଟକୁ ଯାଇ ସେଠାରୁ ବୁଲାଣି ନେଇ ଆସୁଛନ୍ତି। ରାସ୍ତା ସଂକୀର୍ଣ୍ଣ ହୋଇଥିବାରୁ ଗାଡି ବୁଲାଣି ଦ୍ୱାରା ଅଯଥା ରାସ୍ତା ଜାମ ରହିବା ସହ ଲୋକେ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଏହିଭଳି ଭାବେ ପୁଲିସ ମନଇଚ୍ଛା ରାସ୍ତାକୁ ବ୍ଲକ କରୁଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ଏନେଇ ଟାଉନ ଥାନା ଅଧିକାରୀ ବିଶ୍ୱଜିତ ମନବୋଧଙ୍କୁ ପଚାରିବାରୁ ନିୟମାନୁସାରେ ସବୁକିଛି କରାଯାଉଛି। ଏହା ଲୋକଙ୍କ ସୁରକ୍ଷା ପାଇଁ କରାଯାଉଛି। ପ୍ରଥମେ ଲୋକଙ୍କ କଷ୍ଟ ହେବ କିନ୍ତୁ ଟ୍ରାଫିକକୁ ବ୍ୟବସ୍ଥିତ କରିବା ପାଇଁ ଏହି ପଦକ୍ଷେପ ନିହାତି ଆବଶ୍ୟକ ବୋଲି କହିଛନ୍ତି। ତେବେ ସତରେ ଏହି ବ୍ଲକିଂ ଦ୍ୱାରା ଲୋକଙ୍କ ସୁବିଧା ହେଉଛି ନା ଲୋକେ ଅସୁବିଧା ଭୋଗୁଛନ୍ତି କରୁଛନ୍ତି ତାହା ନିହାତି ଭାବେ ଏକ ଆଲୋଚନାର ବିଷୟ। ଏଦିଗରେ ପୁଲିସ ପୁର୍ନବିଚାର କରି ପଦକ୍ଷେପ ଗ୍ରହଣ କରିବା ପାଇଁ ବୁଦ୍ଧିଜୀବୀମାନେ ମତ ରଖିଛନ୍ତି।

## ନୁନହାଡ଼ ସନ୍‌ସାଇନ୍ ହୋଟେଲରେ ଚଢ଼ଉ

**ବିଦେଶୀ ମଦ ଜବତ, ଅଭିଯୁକ୍ତ କୋର୍ଟ ଚାଲାଣ**

**ବେଲପଡା, ୬।୨( ସମିସ):** ବେଲପଡା ଥାନା ନୁନହାଡଠାରେ ଥିବା ସନ୍ ସାଇନ ହୋଟେଲ୍ ରେ ବେଆଇନ ବିଦେଶୀ ମଦ ବିକ୍ରି ହେଉଥିବା କୌଣସି ସୂତ୍ରରୁ ପୁଲିସ ଖବର ପାଇ ଅତର୍କିତ ଭାବରେ ଚଢଉ କରିଥିଲା। ପୁଲିସ ଏକ ମାମଲା ରୁଜୁକରି ଅଭିଯୁକ୍ତ ଜୟଦେବ ମେହେରଙ୍କୁ ଗିରଫ କରି ପାଟଣାଗଡ଼ କୋର୍ଟକୁ ଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ବଲାଙ୍ଗିର ଥାନା ତୁଲସୀ ନଗରର ଜୟଦେବ ମେହେର (୪୫) ବୋଲି ଜଣାପଡ଼ିଛି। ଏହାସହ ହୋଟେଲରୁ ୧୮ ଲିଟର ୯୫୦ ମିଲିଲିଟର ବିଦେଶୀ ମଦ ଜବତ କରାଯାଇଛି। ଅଭିଯୁକ୍ତର ଜାମିନ ନାମଞ୍ଜୁର ହେବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଏଏସଆଇ ଶ୍ରୀପାଠୀ ସାହୁ ଜଣାଇଛନ୍ତି।



## ନୂତନ ଅତିରିକ୍ତ ଜିଲ୍ଲାପାଳଙ୍କ ଯୋଗଦାନ

**ବଲାଙ୍ଗିର, ୬।୨(ସମିସ):** ବଲାଙ୍ଗିର ଜିଲ୍ଲାରେ ନୂତନ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ. ବିଜୟାନନ୍ଦ ସେଠୀ ଯୋଗ ଦେଇଛନ୍ତି। ସେ ପୂର୍ବତନ ଏଡିଏମ ଲମ୍ବୋଦର ଧରୁଆଙ୍କ ପାଖରୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଶ୍ରୀ ସେଠୀ ପୂର୍ବରୁ ପାଟଣାଗଡ଼ ଉପଜିଲ୍ଲାପାଳ ଭାବେ କାର୍ଯ୍ୟ କରିଆସୁଥିଲେ। ଶ୍ରୀ ଧରୁଆ ନୂଆପଡ଼ା ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ରୂପେ କାର୍ଯ୍ୟ କରିବେ। ସେ ନିଜର କର୍ମ ଦ୍ୱାରା ଲୋକଙ୍କ ମଧ୍ୟରେ ଖୁବ ପ୍ରଶଂସିତ ହୋଇଛନ୍ତି। ନୂତନ ଅତିରିକ୍ତ ଜିଲ୍ଲାପାଳଙ୍କୁ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ଅଭିନନ୍ଦନ ଜଣେଇଛନ୍ତି।

## ତେନ୍ତୁଲିଖୁଣ୍ଟି ପଞ୍ଚାୟତରେ ଘରେ ଘରେ 'ଶଙ୍ଖ'



**ତୁଷୁରା, ୬।୨ (ସମିସ):** ବିଜୁ ଜନତା ଦଳର ଘରେ ଘରେ ଶଙ୍ଖ କାର୍ଯକ୍ରମ ଗୁଡଭେଲା ବ୍ଲକର ତେନ୍ତୁଲିଖୁଣ୍ଟି ପଞ୍ଚାୟତରେ ଯୁବ ବିଜେଡି ନେତା ବିକାଶ ଶର୍ମାଙ୍କ ତତ୍ୱାବଧାନରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଟିଟିଲାଗଡ ନିର୍ବାଚନମଣ୍ଡଳୀର ସହପର୍ଯ୍ୟବେକ୍ଷକ ସ୍ନେହାଞ୍ଜଳି ମହାନ୍ତିଙ୍କ ସହ ଏନଏସି ଅଧ୍ୟକ୍ଷ ଅଜୟ ଜୟସ୍ୱାଲ, ସମିତିସଭ୍ୟା ଲଳିତା ସାହୁ, ସସ୍ମିତା ଭୋଇ ଉର୍ମିଳା ମାଝୀ, ଗୁର୍ଦା ନନ୍ଦ, ସଙ୍ଘାଳି ପୁରୋହିତ, ପିତ ରଣା, ଯୋଗେନ୍ଦ୍ର ଗହୀର, କିଶୋର ମନହିରା, ଅଭିରାମ ବୁଢ଼େକ, ପରମ ମନହିରା, ଝସକେତନ ନାଗ, ଖଗେଶ୍ୱର ମାଝୀ, ସୁଶୀଲ ଝାଙ୍କର, ସୁଦାମ ବାଘ, ଅନଙ୍ଗ ବାଘ, ଗଜରାଜ ଭୋଇ, ନୃପ ଭୋଇ ଉପସ୍ଥିତ ଥିଲେ। ନବୀନ ସରକାରଙ୍କ ଜନହିତକର ପଦକ୍ଷେପ ମାନ ଲୋକଙ୍କୁ ବୁଝାଇବା ସହ ପ୍ରତ୍ୟେକ ଘରକୁ ଘର ଯାଇ ଶଙ୍ଖ ଚିହ୍ନର ପୋଷ୍ଟର ଲଗାଇଥିଲେ ।

## ଫ୍ରେଣ୍ଡସ୍ କ୍ଲବ୍ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଘାଟିତ

**ବଲାଙ୍ଗିର, ୬।୨(ସମିସ):** ପୃଥ୍ୱୀରାଜ ହାଇସ୍କୁଲ ଖେଳ ପଡିଆରେ ବଲାଙ୍ଗିର ଫ୍ରେଣ୍ଡସ କ୍ଲବ ପକ୍ଷରୁ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଲୋଟସ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ବଲାଙ୍ଗିର ପୌରାଧକ୍ଷା ଲିକା ସାହୁ, ସମ୍ମାନିତ ଅତିଥି ଭାବରେ ଉପଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର, ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ପ୍ରଦୀପ ପାତ୍ର, ସୁପ୍ରିମ ଟାସ୍କ ନିର୍ଦ୍ଦେଶକ ଅଜିତ ପାଲ, ଅଙ୍ଗ ଜଳସେଚନ ଅଧକ୍ଷ ଆକାଶ ମିଶ୍ର ଓ କ୍ଲବର ସଧାରଣ ସମ୍ପାଦକ ଜଗନ୍ନାଥ ମିଶ୍ର ମଞ୍ଚାସୀନ ଥିଲେ। ରାଜେନ୍ଦ୍ର ଧରୁଆ, ନରସିଂ ସ୍ୱାମୀ ନାଇଡୁ, ସୁଦର୍ଶନ ସେଠ ଓ ବୈକୁଣ୍ଠ ଜେନା ଖେଳକୁ ପରିଚାଳନା କରିଥବା ବେଳେ ମ୍ୟାଚ କମିସନର ଭାବରେ ସୁନୀଲଚନ୍ଦ୍ର ବିଶ୍ୱାଳ ରହିଥିଲେ। ପ୍ରଥମ ଦିନର ଖେଳରେ ବଲାଙ୍ଗିର ଫୁଟବଲ କ୍ଲବକୁ ୧-୦ ଗୋଲରେ ବରଗଡ଼ ଜିଲ୍ଲା କଦଳୀପାଲି ଆଥଲେଟିକ ଏସୋସିଏସନ ହରାଇଥିଲା। ଉତ୍ସବରେ କ୍ରୀଡାବିତ ଶ୍ରୀଧର ବଡିଆ ଓ ଶୁଭ୍ରାଂଶୁ ଶେଖର ଅମାତଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ବୁଧବାର ସି.ସି.ଏଫ.ଏ ବିରମହାରାଜପୁର ଓ ୟୁଥ କ୍ଲବ ବଲାଙ୍ଗିର ମଧ୍ୟରେ ଖେଳ ଅନୁଷ୍ଠିତ ହେବ। ସଭାକୁ ଶରତ ନନ୍ଦ ପରିଚାଳନା କରିଥିଲେ।




ଦେଓଗାଁ ବ୍ଲକ୍‌ରେ 'ମଳିନ ମନରେଗା'

## ବାକି ପଡିଛି ୨ କୋଟି ୭୦ ଲକ୍ଷ

**ଦେଓଗାଁ, ୬।୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକର ୨୬ଟି ପଞ୍ଚାୟତ ମଧ୍ୟରୁ ଅର୍ଜୁନପୁର, ଗୁଡଖାପଲା, ମୁକୁନ୍ଦପୁର, ଗୌରଗୋଠ, ସାରସମାଲ, ଦେଓଗାଁ, ସାଲେପାଲି ଆଦି ୭ଟି ପଞ୍ଚାୟତରେ ମନରେଗା କାମ ବନ୍ଦ ରହିଛି। ବାକି ପଞ୍ଚାୟତଗୁଡିକରେ କାଁ ଭାଁ କାମ ଚାଲିଥିବା ଅଭିଯୋଗ ହେଉଛି। ମିଳିଥିବା ତଥ୍ୟ ଅନୁସାରେ, ବ୍ଲକର ଶ୍ରମିକମାନେ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କାମ କରିଥିବା ବେଳେ ୩ମାସର ଶ୍ରମିକ ପାଉଣା ୨କୋଟି ଓ ମେଟେରିଏଲ୍ସ ବାବଦକୁ ୭୦ଲକ୍ଷ ପାଉଣା ପାଇ ନଥିବା ଜଣାପଡ଼ିଛି। ଫଳରେ ଦେଓଗାଁ ବ୍ଲକରେ ମନରେଗା କାମ ବାଧାପ୍ରାପ୍ତ ହୋଇ ଲକ୍ଷ୍ୟ ହାସଲରେ ବାଧକ ସୃଷ୍ଟି ହେଉଛି।

**ବଢୁଛି ଦାଦନ ସମସ୍ୟା**

ରାଜ୍ୟ ଓ କେନ୍ଦ୍ର ସରକାର ମାଧ୍ୟମରେ ଏହି ଯୋଜନା ଦାଦନ ପ୍ରବଣ ଅଞ୍ଚଳରେ ଜୀବନଧାରା ପରିବର୍ତ୍ତନ ସହ ଔଷଧ ସଦୃଶ କାମ କରୁଥିବା ବେଳେ ସେଥିରେ ବ୍ୟତିକ୍ରମ ଘଟିଛି। ଶ୍ରମିକମାନେ ପାରିଶ୍ରମିକ ଅର୍ଥରାଶି ପାଇବାରେ ବିଳମ୍ବ ହେଉଥିବାରୁ ପରିବାର ପ୍ରତିପୋଷଣରେ ଅନେକ ଅସୁବିଧା ହେଉଥିବା ପ୍ରକାଶ କରିଛନ୍ତି। ବିଭିନ୍ନ ସମୟରେ ବିଡିଓଙ୍କଠାରୁ ଆରମ୍ଭ କରି ଜିଲ୍ଲାପାଳ ପର୍ଯ୍ୟନ୍ତ, ଏପରିକି ମନରେଗା ଜନଶୁଣାଣି ଶିବିରରେ ଏହି ଅଭିଯୋଗକୁ ପ୍ରଶାସନ ଗୁରୁତ୍ୱ ଦେବାକୁ ଶ୍ରମିକମାନେ ବାରମ୍ବାର ଅନୁରୋଧ କରିଛନ୍ତି। ହେଲେ ଅଦ୍ୟାବଧି ଉପରୋକ୍ତ ତଥ୍ୟକୁ ଅନୁମାନ କଲେ, ଯେ କେହିବି କହିବ ବ୍ଲକରେ କିଭଳି ଚାଲିଛି ଏହି ଯୋଜନା। ନିଜ ପଞ୍ଚାୟତ ସ୍ତରରେ କାମରେ ନିୟୋଜିତ ହୋଇ ବାହାର ରାଜ୍ୟକୁ ଦାଦନ ନ ଖଟିଯିବାକୁ ପ୍ରଶାସନ ଶ୍ରମିକଙ୍କ ଭିତରେ ସଚେତନତା ସୃଷ୍ଟି କରୁଛି। ହେଲେ ଶ୍ରମିକ ଟଙ୍କା ପାଇବାରେ ବିଳମ୍ବକୁ ନେଇ ପରିବାର ପୋଷଣ ଚିନ୍ତାରେ ବାଧ ହୋଇ ବାହାର ରାଜ୍ୟକୁ ଦାଦନ ଖଟି ଯିବାପାଇଁ ପଡୁଛି ବୋଲି କିଛି ଶ୍ରମିକ କ୍ଷୋଭର ସହ ପ୍ରକାଶ କରିଛନ୍ତି। ପଞ୍ଚାୟତରେ କାର୍ଯ୍ୟରତ ଗ୍ରାମରୋଜଗାର ସେବକ, କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଜେଇ ମାନଙ୍କ ଭିତରେ ଠିକ ସମନ୍ୱୟ ରହୁ ନଥିବାରୁ କାମ ହୋଇପାରୁନାହିଁ ବୋଲି ଏପିଓ ସୁଧାଂଶୁ ମେହେର କହିଛନ୍ତି। ଏଣୁ ଏ ଦିଗରେ ରାଜ୍ୟ ଓ କେନ୍ଦ୍ର ସରକାର ଉଚିତ ସମୟସୀମା ମଧ୍ୟରେ ଶ୍ରମିକ ପାଉଣା ପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## କୁକୁର କାମୁଡ଼ାରେ ଶିଶୁ ମୃତ୍ୟୁ ଘଟଣା: କ୍ଷତିପୂରଣ ନିର୍ଦ୍ଦେଶଦେଲେ ଜାତୀୟ ମାନବାଧିକାର ଆୟୋଗ

**ସମ୍ବଲପୁର/ବଲାଙ୍ଗିର, ୬।୨(ସମିସ):** ୧୩ ଅକ୍ଟୋବର ୨୦୨୨ ରେ ପାଟଣାଗଡ଼ ଥାନା ବାଲିପଟା ଗାଁ ର ୩ ବର୍ଷ ର ଶିଶୁ ଦୀପା ମୁଣ୍ଡା ଗାଁ ଦାଣ୍ଡରେ ଖେଳୁଥିବା ସମୟରେ ବୁଲା କୁକୁର କାମୁଡ଼ି ଦେବାରୁ ଗୁରୁତର ଆଘାତପ୍ରାପ୍ତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିବା ଘଟଣାରେ ଜାତୀୟ ମାନବ ଅଧିକାର କମିଶନ ପୀଡିତ ପରିବାରକୁ ୫୦ ହଜାର ଟଙ୍କା କ୍ଷତିପୂରଣ ଦେବାଲାଗି ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ମାନବଧିକରାର ସଦସ୍ୟ ଦିଲ୍ଲୀପ କୁମାର ଦାସଙ୍କ ପକ୍ଷରୁ ଦାୟର ମାମଲା (ସଂଖ୍ୟା - ୩୭୫୬/୧୮/୨/୨୦୨୨) ର ବିଚାର କରି ଗତ କାଲି କମିଶନ ଏହି ଚୂଡାନ୍ତ ରାୟ ପ୍ରକାଶ କରି ମୁଖ୍ୟ ସଚିବଙ୍କୁ ଏହି କ୍ଷତିପୂରଣ ରାଶି ପ୍ରଦାନ କରି ୧୪ ମାର୍ଚ୍ଚ ୨୦୨୪ ସୁଦ୍ଧା ସମସ୍ତ ରିପୋର୍ଟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଥାଉକି, ଘଟଣା ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ଶ୍ରୀ ଦାସ, ମାନବ ଅଧିକାର କମିଶନ ଙ୍କ ନିକଟରେ ଅଭିଯୋଗ ଦାଖଲ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ କମିଶନ ବଲାଙ୍ଗୀର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କୁ ରିପୋର୍ଟ ତଲବ କରିଥିଲେ। କମିଶନଙ୍କ ନୋଟିସର ଉତ୍ତରରେ ଜିଲ୍ଲାପାଳ ଘଟଣା ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରି ମୃତ ଦୀପାଙ୍କ ପରିବାରକୁ ୧୦ ହଜାର ଟଙ୍କା ଅନୁକମ୍ପା ରାଶି ଓ ହରିଶ୍ଚନ୍ଦ୍ର ଯୋଜନା ରେ ୨ ହଜାର ଟଙ୍କା ପ୍ରଦାନ କରାଯାଇଥିବା ଦର୍ଶାଇଥିଲେ। ଏହା ସହିତ ପୌର ସଂସ୍ଥା ପକ୍ଷରୁ ବୁଲା କୁକୁର ନିୟନ୍ତ୍ରଣ ନିମନ୍ତେ ପଦକ୍ଷେପ ନିଆଯାଉଛି ବୋଲି ଅବଗତ କରିଥିଲେ। ଏ ସମସ୍ତ ରିପୋର୍ଟକୁ ଭିତ୍ତି କରି ମାନବାଧିକାର କମିଶନ ୭ ନଭେମ୍ବର ୨୦୨୩ ରେ ଦୀପା ମୁଣ୍ଡାଙ୍କ ପରିବାରକୁ ୫୦ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପରବର୍ତ୍ତି ସମୟରେ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସଚିବ ଅନ୍ୟ କେତେକ କୁକୁର କାମୁଡ଼ା ଘଟଣା ସମ୍ବନ୍ଧରେ ଉଦାହରଣ ଦେଇ ରିପୋର୍ଟ ପ୍ରଦାନ କରିବା ସହିତ କ୍ଷତିପୂରଣ ବାବଦରେ କମିଶନ ଦେଇଥିବା ନିର୍ଦ୍ଦେଶନାମାକୁ ଏଡ଼ାଇ ଯାଇଥିଲେ। ଏହି ସବୁ ପତ୍ରାଳାପ ଦ୍ୱାରା ବିଳମ୍ବକୁ ମାନବାଧିକାର କମିଶନ ଗୁରୁତ୍ୱର ସହିତ ନେଇ ମୁଖ୍ୟ ଶାସନ ସଚିବଙ୍କୁ ଗତ କାଲି ପୁନର୍ବାର ନୋଟିସ ଜାରି କରି ୪ ସପ୍ତାହ ମଧ୍ୟରେ କ୍ଷତିପୂରଣ ରାଶି ପଡ଼ିତ ପରିବାରଙ୍କୁ ପ୍ରଦାନ କରି ଏହାର ପ୍ରମାଣ ସହିତ ରିପୋର୍ଟ କମିଶନଙ୍କ ନିକଟରେ ଦାଖଲ କରିବା ପାଇଁ ତାଗିଦ କରିଛନ୍ତି।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ସଚେତନତା

**ବଙ୍ଗୋମୁଣ୍ଡା, ୬।୨ (ସମିସ):** ବଙ୍ଗୋମୁଣ୍ଡା ବ୍ଲକରେ ନୂଆ-ଓ ଅନ୍ତର୍ଗତ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ସଚେତନତା ସମାବେଶ ଭାଲୁମୁଣ୍ଡା ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ରଞ୍ଜିତା ମେହେର ସଭାପତିତ୍ୱ କରିଥିଲେ। ଜିପିଇଓ ପୁରୁଷୋତ୍ତମ ମାଝୀ, ବିପିଏମ ବିଜୟ ବେହେରା, ଶିକ୍ଷାବିତ ତଥା ସାମ୍ବାଦିକ ଅନୀଲ ଖମାରି, କଳାକାର ସଂଘ ଉପସଭାପତି ରେଣୁ ରଞ୍ଜନ ବାଗ ପ୍ରମୁଖ ମଞ୍ଚସୀନ ଥିଲେ। ଇଓ ସତ୍ୟ ଘିବେଲା ସଂଯୋଜନା କରିଥିବା ବେଳେ ଜିପିଇଓ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଅବଗତ କରିଥିଲେ। ଏମବିକେ, ସିଆରପି, ଏସଏସଜି ସଦସ୍ୟା ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଝରିଏଲ ପଞ୍ଚାୟତରେ ମଧ୍ୟ ସରପଞ୍ଚ ଭରଦ୍ୱଜ ଗହିରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଜନମଙ୍ଗଳ ଅଧିକାରୀ, ଏପିଓ ଏବଂ ଅନ୍ୟମାନେ ଯୋଗ ଦେଇଥିଲେ।



■ ତୋଷାଳୀ ମହୋତ୍ସବ ପୂର୍ବରୁ

## ବୃହତ୍ ତୋଷାଳୀଗଡ଼ର ତୁଷୁରା ଏବେ ଅବହେଳିତ

**ତୁଷୁରା, ୬।୨ (ସମିସ):** ଆଉ କିଛି ଦିନ ପରେ ତୋଷାଳୀ ମହୋତ୍ସବ ଆରମ୍ଭ ହେବ। ଏଥିପାଇଁ ପ୍ରସ୍ତୁତି ଚାଲିଛି। ତେବେ, ପୂର୍ବର ତୋଷାଳୀଗଡ଼, ଏବେ ତୁଷୁରାର ଉନ୍ନୟନ ଅବହେଳିତ ହୋଇ ପଡ଼ିଥିବା ନେଇ ଉଦ୍‌ବେଗ ପ୍ରକାଶ ପାଉଛି। ସେ ସମୟରେ ତୋଷାଳୀ ଗଡ଼ ଭାରତବର୍ଷରେ ସବୁକ୍ଷେତ୍ରରେ ଗୋଟିଏ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲା। କାଳକ୍ରମେ ତୋଷାଳୀ ଗଡ଼ ତୁଷୁରା ନାମରେ ନାମିତ ହୋଇ ତାର ସବୁ ଗାରିମା ହରାଇ ବସିଲା ଏବଂ ଆଜି ବି ତୁଷୁରା ଅବହେଳିତ ଅବସ୍ଥାରେ ପଡ଼ିରହିଛି। ତୋଷାଳୀ ଗଡ଼ର କଳା, ସଂସ୍କୃତି ଏବଂ ପରମ୍ପରାକୁ ଉଜ୍ଜୀବିତ କରିବା ସହ ସମସ୍ତ ଗାରିମା ଫେରିପାଇବା ପାଇଁ ଅଞ୍ଚଳର ୟୁଥ ଏକ୍ସନ କମିଟି ଏବଂ ଭିନ୍ନକ୍ଷମଙ୍କୁ ନେଇ ଗଠିତ ସେବା ଫର ଡିଜାବୁଲ ତରଫରୁ ପ୍ରଶାସନ ଆଗରେ ଦାବି କରାଯାଇଛି। ତୋଷାଳୀ ମହୋତ୍ସବ ଦ୍ୱାରା ତୋଷାଳୀ ଗଡର ଇତିହାସକୁ ଲୋକଲୋଚନକୁ ଆଣିବା ପାଇଁ ଚେଷ୍ଟା କରାଯାଇଛି। ଇତିହାସ କହେ, ମହାମେରୁଏନ ରାଜବଂଶର ରାଜା ଐରଖାରବେଳଙ୍କ ରାଜୁତି ସମୟରେ ଖ୍ରୀଷ୍ଟପୂର୍ବ ୨୦୦ରୁ ୧୫୦ ମଧ୍ୟରେ କୋଶଳ ରାଜ୍ୟର ତେଲନଦୀ ଏବଂ ସୋନଗଡ଼ ନଦୀ ମିଶ୍ରଣସ୍ଥଳରେ ଗଢ଼ି ଉଠିଥିଲା ତୋଷାଳୀ ଗଡ଼। ରାଜା ତୋଷାଳୀ ଗଡ଼ ନାମକରଣ ଦେବାର କାରଣ ହେଲା ରାଜା ପ୍ରଥମେ ଯେତେବେଳେ ଏହି ସ୍ଥାନକୁ ଆସିଥିଲେ ସେତେବେଳେ ଏହି ସ୍ଥାନର ଅତ୍ୟନ୍ତ ମନୋରମ ଦୃଶ୍ୟ ଦେଖି ତାଙ୍କ ମନ ଆନନ୍ଦରେ ନାଚି ଉଠିଥିଲା। ସେଥିପାଇଁ ତୋଷାଳୀ ଗଡ଼ ନାମକରଣ କରି ସେଠାରେ ରାଜା ବସବାସ କରିଥିଲେ। ତୋଷାଳୀ ଗଡ଼ର ସୁରକ୍ଷା ପାଇଁ ବିଭିନ୍ନ ଗଡ ଏବଂ ଦୁର୍ଗ କରିଥିଲେ। ସେଥିମଧ୍ୟରୁ ଧାନଘରଠାରେ (ବର୍ତ୍ତମାନର ଧାନଘରା) ଖାଦ୍ୟ ଶସ୍ୟର କୋଷାଘର ଥିଲା। ସମର ଅଭ୍ୟାସ ପାଇଁ ସମରାଠାରେ ତାଙ୍କ ସୈନ୍ୟ ମାନଙ୍କୁ ତାଲିମ ଦେଉଥିଲେ। ଝାର ସମରା ଜଙ୍ଗଲଠାରେ ଗୋରିଲା ସମର ଅଭ୍ୟାସ କରୁଥିଲେ। ସୈନ୍ୟତଳାଠାରେ (ବର୍ତ୍ତମାନର ସଇଁତଳା) ସୈନିକମାନଙ୍କୁ ମହଜୁତ ରଖୁଥିଲେ। ଗୁମନ୍ତଗଡ ବର୍ତ୍ତମାନର ଗୁମାଗଡ ସେଠାରେ ଆଜିବି ରାଜା ଖାରବେଳଙ୍କ ଗଡ଼ର ବିଭିନ୍ନ ଭଗ୍ନାବଶେଷ ମାଟିତଳୁ ମିଳୁଛି। ଏହାକୁ ଦୃଷ୍ଟିରେ ରଖି ତୋଷାଳୀ ମହୋତ୍ସବ ଏଥର ଅଞ୍ଚଳର ବିକାଶ ଏବଂ ପରମ୍ପରା, ଐତିହ୍ୟ ତଥା ସମୃଦ୍ଧିକୁ ପୁନରୁଦ୍ଧାର କରିବା ଦିଗରେ ପ୍ରୟାସ ହେଉ ବୋଲି ଆନୁଷ୍ଠାନିକ ଭାବେ ମତ ପ୍ରକାଶ ପାଇଛି।




## ଖେଳ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

**ବଲାଙ୍ଗିର,୬।୨(ସମିସ):** ବଲାଙ୍ଗିର ଜିଲ୍ଲା ପୁଇଁତଲା ବ୍ଲକ ଅନ୍ତର୍ଗତ ଆଠ ଗାଁ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ଅନ୍ତର୍ଯ୍ୟାମୀ ବିଶ୍ୱାଳଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀ ତଥା ସ୍କୁଲ କମିଟି ତରଫରୁ ଏକ ସଭାରେ ମୁଖ୍ୟଅତିଥି ଭାବରେ ଜିଆ। ଶିକ୍ଷାଧିକାରୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ବ୍ଲକ ଶିକ୍ଷାଧିକାରୀ ଉପସ୍ଥିତ ଥିଲେ। ଖେଳ ଶିକ୍ଷକ ଅନ୍ତର୍ଯ୍ୟାମୀ ବିଶ୍ୱାଳ ଶୈକ୍ଷିକ ବାତାବରଣ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଛନ୍ତି ବୋଲି ମତପ୍ରକାଶ ପାଇଥିଲା। ଗ୍ରାମବାସୀ ସମସ୍ତେ ମିଶି କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ଏହି ବିଦାୟ ସମ୍ବର୍ଦ୍ଧନା ତାଙ୍କ ପାଇଁ ଚିରସ୍ମରଣୀୟ ହୋଇ ରହିବ ବୋଲି ଖେଳ ଶିକ୍ଷକ ଅନ୍ତର୍ଯ୍ୟାମୀ ବିଶ୍ୱାଳ କହିଥିଲେ।



ଦାଦନଗଡ଼ର ସଫଳ ମହିଳା ଚାଷୀ

## କଦଳୀ ଚାଷ ଦେଇଛି ସ୍ୱତନ୍ତ୍ର ପରିଚୟ

ବଲାଙ୍ଗିର, ୬।୨(ସମିସ)

ଦାଦନଗଡ଼ରେ ସ୍ୱାବଲମ୍ବୀ ହେଉଛନ୍ତି ମହିଳା। କିଛି ବର୍ଷ ପୂର୍ବରୁ ପୁରୁଷଙ୍କ ସହ ମହିଳାମାନେ ରାଜ୍ୟ ବାହାରକୁ କାମ କରିବାକୁ ଯାଇ ନିର୍ଯାତିତ ହେଉଥିଲେ। ଏବେ ମିଶନ ଶକ୍ତି, ବନ ବିଭାଗ, କୃଷି ଓ ଉଦ୍ୟାନ ବିଭାଗର ଉଦ୍ୟମ ଯୋଗୁ ଅନେକ ମହିଳା ଚାଷକାମରେ ସଫଳ ହେଉଛନ୍ତି। କେବଳ ସଫଳ ହେଉନାହାନ୍ତି ପରିବାରର ଆର୍ଥିକ ମେରୁଦଣ୍ଡକୁ ସୁଦୃଢ କରିବାରେ ମଧ୍ୟ ସହାୟକ ହେଉଛନ୍ତି। ଏହିଭଳି ସଫଳ ମହିଳାଙ୍କ ମଧ୍ୟରେ କଦଳୀ ଚାଷ କରି ଉଦାହରଣ ସାଜିଛନ୍ତି ତୁରେକେଲା ଅଞ୍ଚଳର ମହିଳା ଚାଷୀ ଜୟନ୍ତୀ କାଣ୍ଡ।

ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଜାମକି ଗାଁର ଜୟନ୍ତୀ କାଣ୍ଡ। କିଛି ବର୍ଷ ପୂର୍ବରୁ ସେ ନିଜ ଅଳ୍ପ ପରିମାଣର ଜମିରେ କଦଳୀ ଗଛ ଲଗାଇଥିଲେ। ଯେଉଁ କଦଳୀ ବାହାରୁଥିଲା ତାକୁ ନିଜେ ଘରେ ବ୍ୟବହାର କରିବା ସହ ପାଖ ପଡ଼ିଶାରେ ବିକ୍ରୟ କରୁଥିଲେ। ବର୍ତ୍ତମାନ ସେ ଅଞ୍ଚଳର ସଫଳ କଦଳି ଚାଷୀ ରୂପେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଏଥିରେ ତାଙ୍କୁ ରାଜ୍ୟ ସରକାରଙ୍କ ମିଶନ ଶକ୍ତି, ବନ ବିଭାଗ ଓ ଉଦ୍ୟାନ ବିଭାଗ ସହାୟତା କରିଥିବା ବେଳେ ସେ

**ଦେଢ଼ ଏକର ଜମିରେ ଚାଷ, ବର୍ଷକରେ ଲକ୍ଷେ ଟଙ୍କା ଲାଭ**

ଚଳିତବର୍ଷ ପ୍ରାୟ ଏକ ଲକ୍ଷ ଟଙ୍କା ଲାଭ କେବଳ କଦଳୀ ବିକ୍ରି କରି ପାରିଥିବା କହିଛନ୍ତି।

ସୂଚନା ଅନୁସାରେ, ଜୟନ୍ତୀ ଗାଁର କମଳା ଏସଏଚଜିର ଜଣେ ସଦସ୍ୟା। ପରିବାର ଚଳାଇବା ପାଇଁ ସ୍ୱାବଲମ୍ବୀ ହେବା ପାଇଁ ସେ ସବୁବେଳେ ଚେଷ୍ଟା କରୁଥିଲେ। ଏହି ସମୟରେ ତାଙ୍କ ପାଇଁ ରୋଜଗାରର ରାସ୍ତା ପାଲଟିଥିଲା କଦଳୀ ଚାଷ। ନିଜ ଜମିର ଅଳ୍ପ ଭାଗରେ କରୁଥିବା କଦଳି ଚାଷକୁ ସେ ବଢ଼ାଇ ଦେଢ ଏକରରେ ଚାଷ ଆରମ୍ଭ କରିଥିଲେ। ସ୍ୱାମୀ କର୍ଣ୍ଣ କାଣ୍ଡଙ୍କ ସହଯୋଗରେ ଚାଷ ପାଇଁ ଆବଶ୍ୟକ ଜ୍ଞାନକୌଶଳ, ବିହନ ଓ ସୂଚନା ଉଦ୍ୟାନ ବିଭାଗ ଯୋଗାଇ ଦେଇଥିବା ବେଳେ ନିୟମିତ ଯାଞ୍ଚ ଓ ତାଲିମ ବନ ବିଭାଗ ଦ୍ୱାରା କରାଯାଇଥିଲା। ଚଳିତ ବର୍ଷ ତାଙ୍କ ପରିଶ୍ରମର ସଫଳତା ପାଇଥିବା କହିଛନ୍ତି। ବର୍ଷକ ଭିତରେ ପ୍ରାୟ ଏକ ଲକ୍ଷ ଟଙ୍କାର କଦଳି ସେ ସ୍ଥାନୀୟ ବ୍ୟବସାୟୀ ମାନଙ୍କୁ ବିକ୍ରି କରି ଲାଭ ପାଇଛନ୍ତି। କେବଳ ଏତିକି ନୁହଁ ଚାଷରେ ଖର୍ଚ୍ଚ ହୋଇଥିବା ଟଙ୍କା ପରିଶୋଧ ମଧ୍ୟ କରିପାରିଛନ୍ତି। କଦଳି ଚାଷ କରିବାରେ ସେ ଜିଆଖତକୁ ବ୍ୟବହାର କରିଥିବା ବେଳେ ଏହା ଅଧିକ କଦଳୀ ଫଳାଇବାରେ ସହାୟକ ହୋଇଛନ୍ତି। ବର୍ତ୍ତମାନ ସେ ଜଣେ ଆଗୁଆ ମହିଳା ଚାଷୀମାନେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ ଦାଦନ ନଯାଇ ପଡ଼ିଆ ପଡ଼ିଥିବା ଜମିରେ ବିଭିନ୍ନ ପ୍ରକାର ଚାଷ କରି ଗାଁରେ ସୁଖଶାନ୍ତିରେ ରହିବାକୁ ଅନ୍ୟ ମାନଙ୍କୁ ପରାମର୍ଶ ଦେଇଛନ୍ତି।



## ସ୍ୱାମୀର ଟାଙ୍ଗିଆ ଚୋଟରେ ସ୍ତ୍ରୀ ମୃତ, ଜଣେ ଗୁରୁତର

**ଥୁଆମୂଳ ରାମପୁର, ୬।୨(ସମିସ):** ନିଜ ସ୍ତ୍ରୀକୁ ଟାଙ୍ଗିଆରେ ହାଣି ହତ୍ୟା ଏବଂ ଅନ୍ୟ ଦୁଇ ଜଣଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଭଳି ଅଭାବନୀୟ ଘଟଣା ଘଟିଛି ରାୟଗଡ଼ା ଜିଲ୍ଲା କାଶୀପୁର ଏବଂ କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଅଞ୍ଚଳରେ। ସୂଚନା ଅନୁଯାୟୀ କାଶୀପୁର ଥାନା ମୁନୁଷଗାଁ ପଞ୍ଚାୟତ ଭାଟିପାସ ଗ୍ରାମର ଗୁରୁନାଥ ଗଉଡ ନିଜ ସ୍ତ୍ରୀ ପୁଷ୍ପା ଗଉଡ(୪୫)କୁ ସୋମବାର ରାତିରେ ଟାଙ୍ଗିଆରେ ହାଣି ଫେରାର୍ ହୋଇ ନିକଟ ଜଙ୍ଗଲକୁ ଚାଲିଯାଇଥିଲା। ତାଙ୍କୁ ଜୀବିତ ଅବସ୍ଥାରେ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏପଟେ ମଙ୍ଗଳବାର ସକାଳୁ ରକ୍ତମୁଖା ହୋଇ ବୁଲୁଥିବା ଗୁରୁନାଥ ଯାହାକୁ ଦେଖିଲା ତାହାକୁ ଆକ୍ରମଣ କରିବାକୁ ଉଦ୍ୟମ କରୁଥିଲା। ଏଭଳି ଆକ୍ରମଣର ଶିକାର ହୋଇ ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ ପେଙ୍ଗଡୁସି ଗ୍ରାମର ଚନ୍ଦ୍ରଶେଖର ରାଉତଙ୍କ ୧୨ ବର୍ଷୀୟ ନାବାଳକ ପୁଅ ଶିବଶଙ୍କର ରାଉତ ଓ ଡୋଲପାସ ଗ୍ରାମର ମଦନ ମାଝୀଙ୍କ ୧୨ ବର୍ଷୀୟ ନାବାଳକ ପୁଅ ମଧୁ ମାଝୀ ଗୁରୁତର ହୋଇଛନ୍ତି। ଉଭୟ ଗାଧୋଇବାକୁ ଯାଉଥିବା ବେଳେ ଆକ୍ରମଣର ଶିକାର ହୋଇଥିଲେ। ଶିବଶଙ୍କରଙ୍କ ତଣ୍ଟି ଓ ମଧୁଙ୍କ ପେଟରେ ଆଘାତ ଲାଗିଛି। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଲୋକେ ଉଦ୍ଧାର କରି ତୁରନ୍ତ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ଶିବଶଙ୍କରର ତଣ୍ଟିରେ ଗଭୀର ଆଘାତ ଲାଗିଥିବାରୁ ତାକୁ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୂଚନା ପାଇ ଉଭୟ ଥୁଆମୂଳ ରାମପୁର ଏବଂ କାଶୀପୁର ପୁଲିସ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପହଞ୍ଚି ତଦନ୍ତ ଆରମ୍ଭ କରି ମୃତ ମହିଳାଙ୍କ ଶବ ବ୍ୟବଚ୍ଛେଦ କରାଇଛି। କାଶୀପୁର ଏବଂ ଥୁଆମୂଳ ରାମପୁର ପୁଲିସର ମିଳିତ ଉଦ୍ୟମରେ ହତ୍ୟାକାରୀ ଗୁରୁନାଥକୁ ଗିରଫ କରାଯାଇଛି।

# କଳାହାଣ୍ଡିଆ ଖାପ ଚନାର ଆଦର କମିନାହିଁ

**କୋକସରା, ୬।୧(ଜଗଦୀଶ ନାଏକ)**

ପାରମ୍ପରିକ ଡ଼ାଲିଜାତୀୟ ଶସ୍ୟ ମଧ୍ୟରେ କଳାହାଣ୍ଡିର ଖାପ ଚନାର ଆଦୃତି ବଢ଼ିବାରେ ଲାଗିଛି। ହରଡ଼ ଡ଼ାଲିର ବଜାର ଦର ବୃଦ୍ଧି ପାଇଥିବାରୁ ଖାପ ଚଣା ଏବେ ଏହାର ବିକଳ୍ପ ଭାବେ ମୁଣ୍ଡ ଟେକିଛି। ପ୍ରାଚୀନ କାଳରେ କଳାହାଣ୍ଡିରେ ହେଉଥିବା ଭୋଜିଭାତରେ ଛେଳି ମାଂସ ମୁଖ୍ୟ ଥିବା ବେଳେ ଖାପ ଚନା (ଚଣା) ଡାଲି ମଧ୍ୟ ବ୍ୟବହୃତ ହେଉଥିଲା। ଧନୀଠାରୁ ଆରମ୍ଭ କରି ଗରିବ ପର୍ଯ୍ୟନ୍ତ ସମସ୍ତେ ଭୋଜିରେ ବଗଡ଼ା ଚାଉଳର ଭାତ, ଛେଳି ମାଂସ ଓ ଖାପ ଚନା ଡାଲି କରି ନିମନ୍ତ୍ରିତ ଅତିଥିମାନଙ୍କୁ ଆପ୍ୟାୟିତ କରୁଥିଲେ। ମଗଧା ଯାଦବ ଓ ଅନ୍ୟ କେତେକ ସମ୍ପ୍ରଦାୟ ବେଦୀରେ ୭ ଗୋଟି ଗୋଟା ମୁଗ ଓ ୭ ଗୋଟି ଅକ୍ଷତ ଅରୁଆ ଚାଉଳ ଦେଇ ଶୁଭଖମ୍ବ ସ୍ଥାପନ କରୁଥିବାରୁ ଭୋଜିରେ ଉଷୁନା ଚାଉଳ ଏବଂ ଖାପ ଚନା କିମ୍ବା ହରଡ଼ ଡ଼ାଲି ବ୍ୟବହାର କରୁଥିଲେ। ବିବାହ, ମୃତକ, ଏକୋଇଶିଆ, କନ୍ୟା ଉପଯୁକ୍ତ ଭୋଜି ଆଦିରେ ଏହି ଶସ୍ୟର ବହୁଳ ବ୍ୟବହାର ହେଉଥିଲା। ଲୋକେ ଘରେ ମଧ୍ୟ ଏହାକୁ ରନ୍ଧନ କରି ଖାଉଥିଲେ। ସମୟର ପଟ୍ଟ ପରିବର୍ତ୍ତନ ସହ ମୁଖ୍ୟ ଭୋଜିର ଆକାର ଓ ପ୍ରକାରର ପରିବର୍ତ୍ତନ ହୋଇଛି। ଖାପ ଚନା ଯାଗାରେ ହରଡ଼ ଡ଼ାଲି ବ୍ୟବହାର ହେଉଛି। ତେବେ ଆଜି ମଧ୍ୟ କଳାହାଣ୍ଡି ଗ୍ରାମାଞ୍ଚଳରେ ଖାପ ଚନାର ଆଦର କମିନାହିଁ। ବିବାହ ସଂସ୍କାରର ବଜାବସା, ଡାଲ୍ ଅନା ଓ ପାଏନ୍ ଗୁଧା ଦିନ ଖାପ ଚନା ଡ଼ାଲି ବ୍ୟବହୃତ ହେଉଛି। ଜିଲ୍ଲା ସମେତ କୋକସରା ବ୍ଲକର ଅଣଜଳସେଚିତ ଅଞ୍ଚଳରେ ଖାପ ଚନା ପ୍ରଚୁର ପରିମାଣରେ ଚାଷ କରାଯାଇଥାଏ। କଳାହାଣ୍ଡିରେ ଏହି ଶସ୍ୟ ଚାଷ କେଉଁ ଏକ ସ୍ମରଣାତିତ କାଳରୁ ହୋଇଆସୁଛି। ଏହି ଅଞ୍ଚଳରେ ଧାନ ଚାଷ ଯେମିତି ହଜାର ହଜାର ବର୍ଷ ପୂର୍ବେ ହେଉଥିଲା ସେମିତି ଖାପ ଚନା ଚାଷ ମଧ୍ୟ ହେଉଥିଲା। ୧୫ ହଜାର ବର୍ଷ ତଳର ସ୍ୱାକ୍ଷର ବହନ କରୁଥିବା ଗୁଡହାଣ୍ଡି ଗୁମ୍ଫାରେ ଶସ୍ୟ ପାତ୍ରର ଚିତ୍ର ସ୍ପଷ୍ଟ ଦୃଶ୍ୟମାନ ହୁଏ। ଆଦି ସଭ୍ୟତାର ଲୋକେ ଶସ୍ୟକୁ ସାଇତି କରି ରଖିବା ପାଇଁ ଶସ୍ୟ ପାତ୍ରର ବ୍ୟବହାର କରୁଥିଲେ। ଖାପ ଚନା ବାହାଲ ଜମିରେ ଚାଷ ହୋଇଥାଏ। ଏଥିପାଇଁ ଜଳସେଚନର ଆବଶ୍ୟକତା ନ ଥିବାରୁ ତଥା ବିଶେଷ ରୋଗ ପୋକ ଲାଗୁ ନଥିବାରୁ ଚାଷୀ ଏହି ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କରିଥାଏ। ବିଗତ ତିନି ଦଶନ୍ଧି ଧରି ଖାପ ଚନା ଚାଷ କମି ଯାଇଥିଲା। କିନ୍ତୁ ଏବେ ଏହି ଚଣାର ଦର ଉଚ୍ଚ ରହିଥିବାରୁ ଚାଷୀ ପୁଣିଥରେ ଏହି ଚାଷ ପ୍ରତି ମନ ବଳାଇଛି। ବର୍ତ୍ତମାନର ସମୟରେ ଏହା ଗରିବ ଲୋକଙ୍କର ପ୍ରିୟ ଖାଦ୍ୟ ପାଲଟିଛି। ହରଡ଼ ଡ଼ାଲି କିଲୋପ୍ରତି ୧୬୦ରୁ ୧୮୦ ଟଙ୍କା ଥିବାବେଳେ ଖାପ ଚନା ଗାଁ ଗହଳିରେ ୬୦ରୁ ୭୦ ଟଙ୍କା ମଧ୍ୟରେ ମିଳି ଯାଉଛି। ଅନ୍ୟାନ୍ୟ ମାସ ଅପେକ୍ଷା ବର୍ଷା ଦିନରେ ଜନସାଧାରଣ ଅଧିକ ପରିମାଣରେ ଖାପ ଚନା ଡ଼ାଲି ଖାଇଥାନ୍ତି। ଏଥିରେ ରୋଗ ପ୍ରତିରୋଧକ ଶକ୍ତି ଅଧିକ ରହିଥିବାରୁ ପ୍ରାଚୀନ କାଳରୁ ଆଜି ପର୍ଯ୍ୟନ୍ତ କଳାହାଣ୍ଡିବାସୀ ଖାପ ଚନା ଡାଲିକୁ ଅଧିକ ପସନ୍ଦ କରିଥାନ୍ତି। ଖାପ ଚନା ସେଙ୍ଗାକୁ ପାଳ ଦେଇ ପୋଡ଼ି ମଧ୍ୟ ଖିଆ ଯାଇଥାଏ, ଯାହା ଅତି ସ୍ୱାଦିଷ୍ଟ ହୋଇଥାଏ। ଏହି ଚଣାରୁ ପ୍ରସ୍ତୁତ ବେସନର ମଧ୍ୟ ଯଥେଷ୍ଟ ଚାହିଦା ରହିଛି। ଏହି ଶସ୍ୟର କୁଟା ଉତ୍ତମ ଗୋଖାଦ୍ୟ ରୂପେ ବ୍ୟବହୃତ ହୋଇଥାଏ। ଖାପ ଚନାର ବର୍ଣ୍ଣନା ଓ ପଦ କଳାହାଣ୍ଡିର ଅନେକ ପ୍ରାଚୀନ ଲୋକଗୀତ ମାନଙ୍କରେ ଦେଖାଯାଇଥାଏ। ରାଜ୍ୟ ସରକାର ଡ଼ାଲି ଓ ତୈଳବୀଜ ଜାତୀୟ ଶସ୍ୟ ଚାଷ ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି। ତେଣୁ ବିଗତ ତିନି ବର୍ଷ ମଧ୍ୟରେ କୋକସରା ବ୍ଲକରେ ଖାପ ଚନା ବହୁଳ ପରିମାଣରେ ଚାଷ ହୋଇ ଡ଼ାଲିର ଆବଶ୍ୟକତାକୁ ବହୁ ମାତ୍ରାରେ ପୂରଣ କରିପାରିଛି। ଏହି ଚନା ଅତ୍ୟନ୍ତ ପୁଷ୍ଟିକର ହୋଇଥିବାରୁ ସରକାରୀ ପ୍ରୋତ୍ସାହନ ମିଳିଲେ ଏହି ଚାଷ ପ୍ରତି ଲୋକମାନେ ବିଶେଷ ଭାବେ ଆକୃଷ୍ଟ ହୁଅନ୍ତେ ବୋଲି ମତ ପ୍ରକାଶ ପାଇଛି। ହୁଏତ ଏହି ଡ଼ାଲିଜାତୀୟ ଖାପ ଚନା ଯେ ଜିଆଇ ଟ୍ୟାଗ୍‌ର ମାନ୍ୟତା ପାଇବା ପାଇଁ ଦାବିଦାର ମଧ୍ୟ ହୋଇପାରେ।



## ଆତ୍ମସୁରକ୍ଷା ତାଲିମ ଶିବିର



**ନର୍ଲା, ୬।୨(ସମିସ):** ନର୍ଲା ବ୍ଲକ ଉଲିକୁପା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ଭବାନୀ ପ୍ରସାଦ ନାଏକଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସରରେ ଏକ ଦଶ ଦିନିଆ ବାଳିକା ଆତ୍ମସୁରକ୍ଷା ତାଲିମ ଶିବିର ଆୟୋଜିତ ହେଉଛି। ପ୍ରଶିକ୍ଷିକା ଭୂମିସୂତା ରାଉତ ଛାତ୍ରୀମାନଙ୍କୁ ପ୍ରତିକୂଳ ପରିସ୍ଥିତିରେ ନିଜ ସୁରକ୍ଷା କେଉଁ ଉପାୟରେ କରାଯାଇ ପାରିବ ସେନେଇ ଶାରୀରିକ ଓ ବୌଦ୍ଧିକ ସ୍ତରରେ ତାଲିମ ପ୍ରଦାନ କରିଥିଲେ। ଅଧ୍ୟକ୍ଷ ଶ୍ରୀ ନାଏକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ମାଷ୍ଟର ଟ୍ରେନର୍ ବାଳିକାମାନଙ୍କୁ ବିଭିନ୍ନ କୌଶଳ ଶିକ୍ଷା ପ୍ରଦାନ କରିଥିଲେ। ଶିବିରରେ ମୋଟ ୮୮ ଜଣ ବାଳିକା ଆତ୍ମସୁରକ୍ଷା ତାଲିମ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।

## ଆମପାଣି ଥାନାର ନୂତନ ଅଧିକାରୀ

**ଲଡୁଗାଁ, ୬।୨(ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣି ଥାନାରେ ନୂତନ ଥାନା ଅଧିକାରୀ ଭାବେ ଗଙ୍ଗାଧର ମେହେର ଯୋଗ ଦେଇଛନ୍ତି। ନର୍ଲା ଥାନାରୁ ସେ ଆମପାଣି ଥାନାରେ ଯୋଗ ଦେଇଥିବା ବେଳେ ପୂର୍ବତନ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତଙ୍କୁ ଜୁନାଗଡ଼ ଥାନାକୁ ବଦଳି ହୋଇଛି। ଆମପାଣି ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା, ଟ୍ରାଫିକ ବ୍ୟବସ୍ଥା ଉପରେ ପ୍ରାଥମିକତା ରହିବ ବୋଲି ନୂତନ ଥାନାଧିକାରୀ କହିବା ସହ ସେ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି।



■ ଖଲିଗଡ଼ ପରଜାପଡ଼ା ସ୍କୁଲରେ ଶିକ୍ଷକ ଅନୁପସ୍ଥିତି ପ୍ରସଙ୍ଗ

## ଦୁଇ ଶିକ୍ଷକଙ୍କ ଦରମା ବନ୍ଦ, ବହିଷ୍କାର ଦାବି କଲେ ଗ୍ରାମବାସୀ

**କୋକସରା, ୬।୨(ସମିସ):** ଖଲିଗଡ଼ ପରଜାପଡ଼ା ସ୍କୁଲକୁ ବିଦ୍ୟାଳୟର ଦୁଇ ଶିକ୍ଷକ ଅନୁପସ୍ଥିତ ରହିବା କାରଣରୁ ପାଠ ପଢ଼ା ବନ୍ଦ ରହିବା ସହ ପିଲାମାନେ ଘରକୁ ଫେରିôତଲେ। ଏହି ଘଟଣାରେ ଅଭିଭାବକମାନେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଥିଲେ। ଛାତ୍ରଛାତ୍ରୀଙ୍କ ପାଠ ପଢ଼ା ବ୍ୟାଘାତ ହେବାସହ ସେମାନେ ମଧ୍ୟାହ୍ନ ଭୋଜନରୁ ମଧ୍ୟ ବଞ୍ଚିତ ହୋଇଥିଲେ। ଏହି ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇବାରେ ଶିକ୍ଷା ବିଭାଗ ତତ୍ପରତା ପ୍ରକାଶ କରି ଏହାର ତଦନ୍ତନମୂଳକ ଦୁଇ ଶିକ୍ଷକଙ୍କ ଦରମା ବନ୍ଦ କରିଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଖଗେଶ୍ୱର ଧଙ୍ଗଡାମାଝୀ ପୂର୍ବରୁ କାର୍ଯ୍ୟରେ ଅବହେଳା କରିଥିବା କାରଣରୁ ତାଙ୍କର ଦରମା ଏଯାବତ୍ ବନ୍ଦ ରହିଛି। ଅନ୍ୟ ଜଣେ ଶିକ୍ଷକ ବସନ୍ତ କୁମାର ଦାସଙ୍କୁ ଏହି ବିଦ୍ୟାଳୟରୁ ସ୍ଥାନାନ୍ତର କରାଯିବା ଓ ତାଙ୍କ ଦରମା ବନ୍ଦ କରାଯାଇଛି ବୋଲି କୋକସରା ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ରଶ୍ମିତା ନେତାମ୍ ପ୍ରକାଶ କରିଛନ୍ତି। ଉକ୍ତ ଦୁଇ ଶିକ୍ଷକଙ୍କ ବିଶୃଙ୍ଖଳିତ ଆଚରଣ ଓ ଦାୟିତ୍ୱହିନତା ଯୋଗୁ ଗତ ସାଧାରଣତନ୍ତ୍ର ଦିବସରେ ବିଦ୍ୟାଳୟରେ ଜାତୀୟ ପତାକା ଉଡ଼ି ନ ଥିଲା। ସେମାନେ ନିୟମିତ ସ୍କୁଲ ଆସୁ ନ ଥିବା ଓ ମଧ୍ୟାହ୍ନ ଭୋଜନ ପରିଚାଳନାରେ ଅନିୟମିତତା ଯୋଗୁ ସେମାନଙ୍କୁ ସ୍କୁଲରୁ ବହିଷ୍କାର କରିବାକୁ ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟି ଦାବି କରିଛି। ସ୍କୁଲ ପରିଚାଳନା ସମିତି ଅଧ୍ୟକ୍ଷ ପୁରୁନ କନ୍ଧଙ୍କ ସମେତ ଗ୍ରାମର ତ୍ରିଲୋଚନ ମାଝୀ, ବିଶାଖା ମାଝୀ, ଗାୟତ୍ରୀ ମାଝୀ, କୈକେୟୀ ଚଲାନ, ବର୍ତ୍ତମାନ ମାଝୀ, ଜେମଲ ମାଝୀ, ଗଣଚେ ମାଝୀ, ରେମତି ରାଉତ, ଯଶୋଦା ମାଝୀ, ଜେମା ରାଉତ ପ୍ରମୁଖ କହିଛନ୍ତି ଯେ ଉକ୍ତ ଶିକ୍ଷକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ତାଙ୍କର ଦରମା ବନ୍ଦ କରିବା ଘଟଣାକୁ ନାପସନ୍ଦ କରିଛନ୍ତି।

## କାଉଣ୍ଟରରେ ଚଢ଼ା ଦରରେ ମଦ ବିକ୍ରି ଅଭିଯୋଗ

**ବେହେରା, ୬।୨(ସମିସ):** କଳାହାଣ୍ଡି ଜିଲ୍ଲାର ଦଣ୍ଡପାଟ ଅଞ୍ଚଳସ୍ଥିତ ବେହେରା ଠାରେ ଥିବା ଲାଇସେନ୍ସପ୍ରାପ୍ତ ବିଦେଶୀ ମଦ ଦୋକାନରେ ଅବକାରୀ ନିୟମର ଖୋଲାଖୋଲି ଭାବେ ଉଲଂଘନ କରାଯାଉଛି। ମଦ ଓ ବିୟର ଧାର୍ଯ୍ୟ ଲେଖାଠାରୁ ଅଧିକ ଟଙ୍କାରେ ବିକ୍ରି ହେଉଛି। ଏହା ବ୍ୟତୀତ ସାଧାରଣ ଲୋକଙ୍କ ପାଇଁ ଫଳକରେ ଆବଶ୍ୟକୀୟ ସୂଚନା ଦିଆଯାଉନାହିଁ। ଏହାକୁ ନେଇ ଅନେକ ଗ୍ରାହକ ନିଜର ନାମ ଗୋପନ ରଖି ଅସନ୍ତୋଷ ପ୍ରକାଶ କରିବା ଶହ ଏଭଳି ଅଭିଯୋଗ କରିଛନ୍ତି। ଅଭିଯୋଗକାରୀଙ୍କ କହିବାନୁଯାୟୀ ବେହେରାଠାରେ ଏକ ସରକାରୀ ଠିପି ବନ୍ଦ ବିଦେଶୀ ମଦ ଦୋକାନ ରହିଛି। ଏହି ମଦ ଦୋକାନରେ ମଦ ବୋତଲ ଉପରେ ପ୍ରିଣ୍ଟ ଥିବା ମୂଲ୍ୟ ଠାରୁ ଅଧିକ ଦରରେ ଜୋରବରଦସ୍ତି ଗ୍ରାହକଙ୍କଠାରୁ ବେଆଇନ ଭାବେ ଅଧିକ ଦରରେ ବିକ୍ରି କରାଯାଉଛି। ଏ ସମ୍ପର୍କରେ ଅବକାରୀ ବିଭାଗ ସବୁ ଜାଣିଶୁଣି ନୀରବ। ବେହେରାରେ ଥିବା ଏକ ମାତ୍ର ବିଦେଶୀ ମଦ ଦୋକାନରେ ପ୍ରିଣ୍ଟ ଥିବା ମୂଲ୍ୟଠାରୁ ପ୍ରତି ବୋତଲ ପିଛା ୪୦ ରୁ ୫୦ଟଙ୍କା ପର୍ଯ୍ୟନ୍ତ ଅଧିକ ଦରରେ ମଦ ବିକ୍ରି ହେଉଛି। ଏହି କାରଣରୁ ଅନେକ ସମୟରେ ମଦ ବ୍ୟବସାୟୀ ଓ ଗ୍ରାହକଙ୍କ ମଧ୍ୟରେ ପାଟିତୁଣ୍ଡ ଓ ଗଣ୍ଡଗୋଳ ମଧ୍ୟ ହେଉଛି। ଖାଲି ଏତିକି ନୁହେଁ ବେହେରା ସମେତ ଦଣ୍ଡପାଟ ଅଞ୍ଚଳର ବିଭିନ୍ନ ଗ୍ରାମରେ ଦେଶୀ ଓ ବିଦେଶୀ ମଦର ଅବାଧ କାରବାର ଦିନକୁ ଦିନ ବଢ଼ିବାରେ ଲାଗିଛି। ଅବକାରୀ ବିଭାଗ ଓ ମଦ ମାଫିଆଙ୍କ ମଧୁଚନ୍ଦ୍ରିକା ଯୋଗୁଁ ବିଭିନ୍ନ ଗ୍ରାମାଞ୍ଚଳରେ ଏହି କାରବାର ବୃଦ୍ଧି ପାଇବା ସହ ଖୁଲମଖୁଲା ଚୋରା ମଦ କାରବାର ବୃଦ୍ଧି ପାଉଛି।

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**କୋମନା, ୬।୨(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଉଲଭାସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଧାନ ଶିକ୍ଷକ ଉମାଶଙ୍କର ରଣାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ଅନିତା ପଣ୍ଡା, ସମ୍ମାନୀତ ଅତିଥି ଭାବେ ଆଗ୍ରେନ ସରପଞ୍ଚ ନିଲାଦ୍ରୀ ଆଡବଙ୍ଗ, ସମିତି ସଭ୍ୟା ସୁଦେଷ୍ଣା ଆଡବଙ୍ଗ, ପୂର୍ଣ୍ଣଚନ୍ଦ୍ର ସୁନାନୀ, ଭେଲା କ୍ଲଷ୍ଟର ସିଆରସିସି ପ୍ରସନ୍ନ ପାଣ୍ଡେ, ଏବିଇଓ ରାଧାକାନ୍ତ ତାଣ୍ଡି ଯୋଗ ଦେଇଥିଲେ। ଶିକ୍ଷକ ଦିଲୁ ସାହୁ ମଞ୍ଚ ପରିଚାଳନା କରିଥିଲେ। ବାର୍ଷିକ କ୍ରୀଡାରେ ଭାଗ ନେଇଥିବା ୭୫ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିଭଳି ୫ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ମାନୀତ କରାଯାଇଥିଲା।



## କୋଦୋମେରୀ ପଞ୍ଚାୟତରେ 'ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**ନୂଆପଡ଼ା, ୬।୨(ସମିସ):** ସ୍ଥାନୀୟ ସଦର ବ୍ଲକ କୋଦୋମେରୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସରପଞ୍ଚ ମମତା ପୁଞ୍ଜି ସଭାପତିତ୍ୱ କରିଥିଲେ। ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ନବୀନ ଓଡ଼ିଶା ଜିଲ୍ଲା ସଂଯୋଜକ ରାମଲାଲ ହଂସ, ବିରୋମାଲ ସରପଞ୍ଚ ଅମରଚାନ୍ଦ ଚନ୍ଦ୍ରକାର, କୁଲିହାବନ୍ଧା ସରପଞ୍ଚ ସନ୍ତରାମ ପାଣ୍ଡେ, ପୂର୍ବତନ ସରପଞ୍ଚ ଅସିତ ପୁଞ୍ଜି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## ସଡ଼କ ସୁରକ୍ଷା ଓ ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ସମ୍ବନ୍ଧୀୟ ଆଇନ ସଚେତନତା ଶିବିର

**କେସିଙ୍ଗା, ୬।୨(ସମିସ):** ତାଲୁକ ଆଇନ ସେବା ସମିତି କେସିଙ୍ଗା ତରଫରୁ କେସିଙ୍ଗା ବ୍ଲକ କସ୍ତପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ତଥା ଅଧ୍ୟକ୍ଷ ତାଲୁକ ଆଇନ ସେବା ସମିତି କେସିଙ୍ଗା ଧନଞ୍ଜୟ ନାୟକ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉପସ୍ଥିତ ଛାତ୍ର ଛାତ୍ରୀମାନଙ୍କୁ ସଡ଼କ ସୁରକ୍ଷା ଓ ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ମୋଟର ଯାନ ଅଧିନିୟମ ଉପରେ ବିସ୍ତୃତ ଆଲୋଚନା କରି ସମସ୍ତଙ୍କୁ ସଚେତନ କରାଇଥିଲେ। ଏହି ସଚେତନତା ଶିବିରରେ ସମ୍ମୁଖ କାର୍ଯ୍ୟାଳୟ ଆଇନ ପରାମର୍ଶଦାତା ସୌମ୍ୟ ରଞ୍ଜନ ମିଶ୍ର, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ନାଏକ, କେସିଙ୍ଗା ଆଦର୍ଶ ଥାନାର ସବ୍ ଇନ୍ସପେକ୍ଟର ଲୋରିସ ପଧାନ, ସୋନାଲିସା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏତଦବ୍ୟତୀତ ଅଦାଲତର ସମସ୍ତ କର୍ମଚାରୀ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।




## କୋକସରା ତହସିଲରେ କର୍ମଚାରୀ ଅଭାବ

**ଲଡୁଗାଁ, ୬।୨(ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ତହସିଲ କାର୍ଯ୍ୟାଳୟରେ ଦୀର୍ଘ ୭/୮ ମାସ ହେବ ଅନେକ କର୍ମଚାରୀ ପଦବୀ ଖାଲି ରହିଛି। ଫଳରେ ଦୈନନ୍ଦିନ ତହସିଲ କାର୍ଯ୍ୟାଳୟକୁ ବିଭିନ୍ନ କାର୍ଯ୍ୟ ନେଇ ଆସୁଥିବା ଜନସାଧାରଣ ହଇରାଣ ହରକତ ହେଉଥିବା ଅଭିଯୋଗ ହେଉଛି। ମାସ ମାସ ଧରି ଆବେଦନକାରୀ ଛାତ୍ରଛାତ୍ରୀ ଓ ଜନସାଧାରଣ ହନ୍ତସନ୍ତ ହେଉଛନ୍ତି। ସୂଚନା ମତେ ତହସିଲ କାର୍ଯ୍ୟାଳୟରେ ବରିଷ୍ଠ ବିଭାଗରେ ୪ ଜଣ କିରାଣି ରହିବା ସ୍ଥାନରେ ମାତ୍ର ୨ ଜଣ ଅଛନ୍ତି। ସେହିପରି କନିଷ୍ଠ ବିଭାଗରେ ୪ ଜଣଙ୍କ ସ୍ଥାନରେ ୩ ଜଣ ଓ ୫ ଜଣ ପିଅନ ବଦଳ ମାତ୍ର ଜଣେ ପିଅନ ରହିଛନ୍ତି। ପୂର୍ବରୁ ସମସ୍ତ କର୍ମଚାରୀ ଥିଲେ ହେଲେ ବଦଳି ପରେ ଆଉ ତାଙ୍କ ସ୍ଥାନରେ କେହି ଯୋଗ ଦେଇନାହାଁନ୍ତି। କୋକସରା ତହସିଲ କାର୍ଯ୍ୟାଳୟ ଅଧୀନରେ କୋକସରା, ଆମପାଣି, ଡ଼ହଗାଁ, କୁସୁମଖୁଣ୍ଟି, କାଶିବାହଲ, ଲଡୁଗାଁ ଓ ଗୋଟୋମୁଣ୍ଡା ୭ ଗୋଟି ରାଜସ୍ୱ ସର୍କଲ ରହିଥିବା ବେଳେ ପ୍ରତି ମଙ୍ଗଳବାର ଓ ଶୁକ୍ରବାର ଜମି ରେଜିଷ୍ଟ୍ରେସନ ହେଉଥିବା ବେଳେ ମ୍ୟୁଟେସନ, ଆୟ, ସ୍ଥାୟୀ ବାସିନ୍ଦା, ଜାତିଗତ ପ୍ରମାଣପତ୍ର ସହ ଅନ୍ୟ ଜରୁରୀ ସାର୍ଟିଫିକେଟ ପାଇଁ ଦୈନିକ ଶହ ଶହ ଜନସାଧାରଣ ତହସିଲ କାର୍ଯ୍ୟାଳୟ ଉପରେ ନିର୍ଭର କରୁଛନ୍ତି। ଏନେଇ କୋକସରା ତହସିଲଦାର ନବୀନ କିଶୋର ପାଢ଼ୀଙ୍କ ପ୍ରତିକ୍ରିୟା ନେବାରୁ ଜିଲ୍ଲା ପ୍ରଶାସନକୁ ଜଣାଇ ଦିଆଯାଇଛି ବୋଲି କହିବା ସହ ସେମିତି କିଛି ଅଭିଯୋଗ ଆସିନାହିଁ ବୋଲି ଦର୍ଶାଇଛନ୍ତି।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ

**ବେହେରା, ୬।୨(ସମିସ):** ଧର୍ମଗଡ଼ ବ୍ଲକ ବେହେରା ଗୋରୁ ବଜାର ପ୍ରାଙ୍ଗଣରେ ସୋମବାର 'ଆମ ଓଡ଼ିଶା ନବୀନ ଓଡ଼ିଶା' ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ବେହେରା ପଞ୍ଚାୟତ ସରପଞ୍ଚ କୁମୁଦିନୀ ଗଇନ୍ଥାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରତିନିଧି ମାନସ ରଞ୍ଜନ ବାଗ ଜିଲ୍ଲା ପରିଷଦ ସଭ୍ୟ ଶଙ୍କର ପ୍ରସାଦ ଯୁଏଡ, ସମିତି ସଭ୍ୟ କିଶୋର ନାଗ, ଟେଣ୍ଡାପାଲି ସରପଞ୍ଚ ଗୌଲୋଚନ ଗୋପାଳ, ବିଜେଡି ସଭାପତି ଟିକମନ ଯାଦବ, ସମାଜସେବୀ ନିର୍ମଳ ଗୋପାଳ, ଗୌରଚନ୍ଦ୍ର ବାଗ, ଅବସରପ୍ରାପ୍ତ ଶିକ୍ଷକ ତୁଳସିରାମ ବାରିକ, ବିଜେଡି ସାଧାରଣ ସମ୍ପାଦକ ପ୍ରଶାନ୍ତ ତିବାରୀ, କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରାଙ୍ଗ ନାଗ, କୃଷି ସେବା ସମବାୟ ସମିତି ସଭାପତି ଭବେଶ ଗଇନ୍ଥା ପ୍ରମୁଖ ଉପସ୍ଥିତ ରହିଥିଲେ। ବିଭିନ୍ନ ବିଭାଗର କର୍ମଚାରୀ ମାନଙ୍କ ଦ୍ୱାରା ବିଭିନ୍ନ ଷ୍ଟଲ ଖୋଲାଯାଇ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏଥିରେ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କୁ କାର୍ଯ୍ୟକ୍ରମ ମାଧ୍ୟମରେ ପୁରସ୍କୃତ କରାଯାଇଥିଲା। ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ପ୍ରଗତିଶୀଳ ଅନୁଷ୍ଠାନ, କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମକୁ କ୍ଷୀରସିନ୍ଧୁ ବାଣୁଆ ପରିଚାଳନା କରିଥିବା ବେଳେ ବେହେରା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରାଙ୍ଗ ନାଗ ସହଯୋଗ କରିଥିଲେ।



କୁକୁରିମୁଣ୍ଡି ସେବାଶ୍ରମରେ ଶିକ୍ଷକ ସମସ୍ୟା

# ସ୍କୁଲରେ ତାଲା ପକାଇ ଧାରଣାଦେଲେ ଅଭିଭାବକ

**ନୂଆପଡ଼ା, ୬।୨(ସମିସ)**

ନୂଆପଡ଼ା ଜିଲ୍ଲା ସଦର ବ୍ଲକ ମୋଟା ନୂଆପଡ଼ା ପଞ୍ଚାୟତ କୁକୁରିମୁଣ୍ଡି ସେବାଶ୍ରମରେ ଶିକ୍ଷକ ସମସ୍ୟାକୁ ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଛି; ହେଲେ ଏହାର କୌଣସି ସୁଫଳ ମିଳୁନି। ଶେଷରେ ଅଭିଭାବକ ଓ ନୂଆପଡ଼ା ଜିଲ୍ଲା ଆଦିବସୀ କଲ୍ୟାଣ ସଂଘ ପକ୍ଷରୁ ସେବାଶ୍ରମରେ ତାଲା ମାରିବା ସହ ଧାରଣାରେ ବସିଥିଲେ। ପରେ ଜିଲ୍ଲା ପ୍ରଶାସନର ମଙ୍ଗଳ ବିଭାଗ ତରଫରୁ ଅଧିକାରୀମାନେ ଆସି ନିର୍ଭର ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସେବାଶ୍ରମରେ ତୁରନ୍ତ ଜଣେ ଶିକ୍ଷୟତ୍ରୀଙ୍କୁ ନିଯୁକ୍ତି ଦେବା ସହ ୨ ଦିନ ଭିତରେ ଆଉ ଜଣେ ଶିକ୍ଷକ ଦେବାକୁ ଲିଖିତ ପ୍ରତିଶ୍ରୁତି ମିଳିବା ପରେ ଧରଣା ପ୍ରତ୍ୟାହାର ହୋଇଥିଲେ।

ଜିଲ୍ଲାର ଉପାନ୍ତ ତଥା ଜଙ୍ଗଲ ତଳି ଅଞ୍ଚଳରେ ଥିବା କୁକୁରିମୁଣ୍ଡି ସେବାଶ୍ରମରେ ପ୍ରଥମରୁ ଅଷ୍ଟମ ଶ୍ରେଣୀଯାଏଁ ଥିବା ବେଳେ ମାତ୍ର ୩ ଜଣ ଶିକ୍ଷକ ରହିଛନ୍ତି। ଏଣୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଏହାକୁ ନେଇ ଅଭିଭାବକ ଓ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ। ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଅଭିଭାବକଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ବଢ଼ି ଚାଲିଥିଲା। ଶେଷରେ ଜିଲ୍ଲା ଅଦିବାସୀ କଲ୍ୟାଣ ସଂଘ ପକ୍ଷରୁ ସେବାଶ୍ରମ ଗେଟ୍‌ରେ ତାଲା ପକାଇ ପ୍ରାୟ ୫ଘଣ୍ଟା ଧରି ଧାରଣାରେ ବସିଥିଲେ। ପରେ ଡିଆଇ ଉଦୟ ସିଂ ମାଝୀ, ଏଡିଡବ୍ଲୁ ସଞ୍ଜୟ ଭୋଇ ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଧରଣାରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଭାନୁ ପ୍ରତାପ ସିଂ ମାଝୀ, ଦିଲୀପ ନିର୍ମଲକର, ମୋଟା ନୂଆପଡ଼ା ସରପଞ୍ଚ ମୋତିଲାଲ ଉଜିର, ଭକ୍ତବନ୍ଧୁ ଧରୁଆ, ଭାନୁ ଦାସ, ସହଦେଶ ମାଝୀ, ଶାନ୍ତିଲତା ମାଝୀ, ନିରଞ୍ଜନ ମାଝୀଙ୍କ ସମେତ ଶତାଧିକ ଅଭିଭାବକ, ଗ୍ରାମବାସୀ ଉପସ୍ଥିତ ଥିଲେ।



## ୧୨ରେ ନୂଆପଡ଼ା ବନ୍ଦ

**ନୂଆପଡ଼ା, ୬।୨(ସମିସ):** ନୂଆପଡ଼ା ଜିଲ୍ଲାରେ ଶ୍ରମିକମାନେ ବିଭିନ୍ନ ସମସ୍ୟାରେ ରହିଛନ୍ତି। ବିଭିନ୍ନ ସମୟରେ ସେମାନେ ନିଜର ସମାଧାନ ପାଇଁ ଦାବି କରିଆସୁଛନ୍ତି; ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଏଣୁ ଆନ୍ଦୋଳନ ପାଇଁ ସଂଘ ଚେତାବନୀ ଦେଇଛି। ଜିଲ୍ଲା ଆବାହାକ ଯଦୁମଣି ପାଣିଗ୍ରାହୀ ମଙ୍ଗଳବାର ଅପରାହ୍ନରେ ନୂଆପଡ଼ାସ୍ଥିତ ନିଜ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି ଯେ, ଆସନ୍ତା ୧୨ ତାରିଖ ସକାଳ ୬ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ନୂଆପଡ଼ା ଜିଲ୍ଲା ବନ୍ଦ ପାଇଁ ଡାକରା ଦିଆଯାଇଛି। ତେବେ ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଭକ୍ତବନ୍ଧୁ ଧରୁଆ, ସୁଖଦେବ ସାହୁ, ଜ୍ଞାନରଞ୍ଜନ ସାହୁ, ବାବୁଲାଲ ମାଝୀ, ବାବୁଲାଲ ପଟେଲ, ସୁରେଶ ବେହେରା, ଜ୍ଞାନେଶ୍ୱର ବାଗ, ଅନିରୁଦ୍ଧ ନାଗ, ଗୌତମ ବରିହା, ଦୋରେଶ୍ୱର ପଟେଲ, ସନ୍ତୋଷ ସାହୁ, ଦିଗାମ୍ବର ମାଝୀ, ଟିକେରାମ ମାଝୀ, ଟିକେଶ୍ୱର ପାଣ୍ଡେ, ଅସ୍ୱାନ ସାହୁ, ଈଶ୍ୱର ସାହୁ, ଦେବ୍ ଚରଣ ପାଣ୍ଡେ, ବୀର ସିଂ ସାହୁ, ଗୁଭା ସିଂ ମାଝୀ, ଭାସ୍କର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



# ଭାଷା ସମ୍ମିଳନୀ ପାଇଁ ସମସ୍ତେ ଉତ୍ସାହିତ










**ବୌଦ୍ଧ,୬ ।୨(ସମିସ):**

ବୌଦ୍ଧ ଜିଲ୍ଲା ସଂଗ୍ରହାଳୟ ପରିସରରେ ଶିକ୍ଷା ବିଭାଗ ତରଫରୁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉପଲକ୍ଷେ ଓଡ଼ିଆ ଭାଷାର ବିକାଶ ସମ୍ପର୍କିତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ସାହିତ୍ୟିକ ଶାନ୍ତନୁ ପାଣିଗ୍ରାହୀ, ପଦ୍ମାଳୟା ମିଶ୍ର, ଅଳକା ନାଏକ, ଜ୍ୟୋତିର୍ମୟୀ କହଁର, ଈଶ୍ୱର ସାହୁ ପ୍ରମୁଖ କର୍ମଶାଳାରେ ବକ୍ତବ୍ୟ ରଖିଥିଲେ । ସେହିପରି ବୌଦ୍ଧ ଗୋଷ୍ଠୀ ଶିକ୍ଷାଧିକାରୀ ଉପେନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର, ରାଜୀବ କୁମାର ନାଏକ, ଜିଲ୍ଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟ ନାରାୟଣ ବେହେରା ଏବଂ ହାଡିବନ୍ଧୁ ମହାକୁଡ଼ ଯୋଗ ଦେଇଥିଲେ ।

**ସୋନପୁର:** ସ୍ଥାନୀୟ ଟାଉନ ହଲରେ ସୋନପୁର ପୌରପରିଷଦ ତରଫରୁ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଅନ୍ୟା ଦାଶ, ପୌରାଧ୍ୟକ୍ଷା ତମସୀ ତମସ୍ୱିତା ନାୟକ,ଶିକ୍ଷାବିତ୍ ଗବେଷକ ବ୍ରଜକିଶୋର ଦାନୀ, ନାଟ୍ୟକାର ଶ୍ୟାମାଓଁ ପ୍ରସାଦ ମିଶ୍ର, ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋରଞ୍ଜନ ପଣ୍ଡା, ବିଶିଷ୍ଟ ସାହିତ୍ୟିକ ଧର୍ମଶାଳା ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ. ପୁରୁଷୋତ୍ତମ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ବିଶିଷ୍ଟ ଗବେଷକ ଗୋରେଖନାଥ ସାହୁ, ବ୍ରଜକିଶୋର ଦାନୀ, ଡ. ଜ୍ୟୋତିରଞ୍ଜନ ବହିଦାର, ଡ. ସୌରଭ ରଂଜନ ଖମାରୀ, ଡ. ଦେବାଶିଷ ପାଣ୍ଡିଆ, ଶ୍ରୀଧର ବାଘ, ଆର୍ତ୍ତତ୍ରାଣ ବାବୁ, ପ୍ରଦ୍ୟୁମ୍ନ ସାହୁ, ସୁଦାମ ନାଏକ, ରଂଜିତା ପଣ୍ଡା ଏବଂ ସସ୍ମିତା ମେହେରଙ୍କୁ ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ସିଆରସିସି ବ୍ରତାନନ୍ଦ ଭୋଇ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ପୌରପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରୀ ଅନୁସୂୟା ମେହେର ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ । ଜିଲ୍ଲା ସମଗ୍ର ଶିକ୍ଷା ତରଫରୁ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ପାଳିତ ହୋଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଓଡିଆ ପ୍ରଧ୍ୟାପକ ଡ. ପୁରୁଷୋତ୍ତମ ମିଶ୍ର, ଶିକ୍ଷାବିତ୍ ଶ୍ରୀଧର ବାଗ, ବୀରମହାରାଜପୁର ବଇଓ ଶାନ୍ତନୁ କୁମ୍ଭକାର, ପ୍ରଧାନ ଶିକ୍ଷୟିତ୍ରୀ ସୁଚାରୁବାଳା ଦେବୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଓଡିଆ ଭାଷା ସଂପର୍କରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଉଲୁଣ୍ଡା କଲେଜ ଅଧ୍ୟକ୍ଷ ଡ. ଦେବାଶିଷ ପାଣ୍ଡିଆ, ଏଡିଇଓ ଡ. ରାଧାକାନ୍ତ ଗଡତିଆ, ଶ୍ରୀଧର ବାଗ ଯୋଗ ଦେଇଥିଲେ ।

**ମନମୁଣ୍ଡା:** ବୌଦ୍ଧ ଜିଲ୍ଲା ଦହ୍ୟା ନୋଡାଲ ହାଇସ୍କୁଲରେ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ରାଜଲକ୍ଷ୍ମୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଛାତ୍ରଛାତ୍ରୀ କୁଇଜ, ତର୍କ, ଚିତ୍ରାଙ୍କନ ଆଦି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ ।




**ବିନିକା:** ସ୍ଥାନୀୟ ଟାଉନହଲରେ ଏନ୍‌ଏସି ତରଫରୁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି । କାର୍ଯ୍ୟ ନିର୍ବାହୀ ଅଧିକାରୀ ସତ୍ୟନାରାୟଣ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସିଦ୍ଧାର୍ଥ ଡିଗ୍ରୀ କଲେଜ ଅଧ୍ୟକ୍ଷ ଡ. ଧୀରେନ୍ଦ୍ର ନାୟକ, ଆଇନଜୀବୀ ତଥା କବି ଅଦ୍ୱୈତ ପଣ୍ଡା, ବିଶିଷ୍ଟ ସାହିତ୍ୟିକ ତଥା ଶିଳ୍ପପତି ଆର୍ତ୍ତତ୍ରାଣ ବାବୁ, ଅବସରପ୍ରାପ୍ତ ଶିକ୍ଷକ ପ୍ରମୋଦ ପଣ୍ଡା, ଉପାଧ୍ୟକ୍ଷା ତପସ୍ୱିନୀ ମେହେର ଯୋଗ ଦେଇଥିଲେ । ଉମାକାନ୍ତ ସିଂ ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ହିମାଂଶୁ ଶେଖର ପଣ୍ଡା ସଭା ପରିଚାଳନା କରିଥିଲେ । ଉପାଧ୍ୟକ୍ଷା ତପସ୍ୱିନୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ସସ୍ମିତା ବାରିକ, ସନ୍ତୋଷ ବନଛୋର, ସରୋଜ ସାହୁ, ସରୋଜ ମେହେର, ମୋହନ ମହାନନ୍ଦ ପ୍ରମୁଖ ସହଯୋଗ କରିଥିଲେ ।




**ଜହ୍ନାପଙ୍କ:** ବୌଦ୍ଧ ବ୍ଲକ ତେଲିବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୌଦାମିନୀ ପ୍ରଧାନ ସଭାପତିତ୍ୱ କରିଥିଲେ । ସୁଶୀଳ ହୋତା, ପ୍ରଦୀପ ମହାକଲ, ଅଶୋକ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଶିକ୍ଷକ ସୁବାସ ପ୍ରଧାନ, ସଞ୍ଜୟ ନାୟକ, ଅଂଶୁମାନ ବାରିକ, ସୌରଭ ପ୍ରଧାନ, ଶୁଭ୍ରାଂଶୁ ଶେଖର ସାହୁ, ଶିକ୍ଷୟତ୍ରୀ ରଶ୍ମିତା ସାହୁ, ତରଙ୍ଗିଣୀ ବେହେରା, ନର୍ମଳା ନାଏକ, ଗୟତ୍ରୀ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ମନମୁଣ୍ଡାରେ ନବାହ୍ନ ପାରାୟଣ ଉଦ୍‌ଯାପିତ

**ମନମୁଣ୍ଡା,୬ ।୨(ସମିସ):** ମନମୁଣ୍ଡା ଗଙ୍ଗାଧର ମେହେର(ଭୁଲିଆ) ପଡ଼ାରେ ୯ ଦିନ ବ୍ୟାପୀ ଅନୁଷ୍ଠିତ ନବାହ୍ନ ପରାୟଣ ଉଦ୍‌ଯାପିତ ହୋଇଯାଇଛି । ଜ୍ୟୋତିରଞ୍ଜନ ପଣ୍ଡା ପୂଜା ଓ ହୋମ ଯଜ୍ଞ କରିଥିବାବେଳେ ବ୍ୟାସ ଭାବେ ତମିଆଁ(ପାଟଣାଗଡ)ର ଶାନ୍ତନୁ ତ୍ରିପାଠୀ ଏବଂ କର୍ତ୍ତା ଭାବେ ବଶିଷ୍ଠ ମେହେର ଓ ତାଙ୍କ ପତ୍ନୀ ଆହ୍ଲାଦିନୀ ମେହେର ଦାୟିତ୍ୱ ନିର୍ବାହ କରିଥିଲେ ।

## ବାଳିକା ଆତ୍ମ ରକ୍ଷା ତାଲିମ ଶିବିର ଉଦ୍‌ଯାପିତ




**ଜହ୍ନପଙ୍କ,୬ ।୨(ସମିସ):** ଗନ୍ଧରାଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୨୩ ତାରିଖରୁ ଚାଲିଥିବା ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଛି । ଏହି ଶିବିରରେ ୧୧୭ ଜଣ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଭାତ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଫାଣ୍ଡି ଅଧିକାରୀ ପ୍ରଶାନ୍ତ ମଲ୍ଲିକ, ଅଧ୍ୟାପକ ଅଶୋକ ପାଣ୍ଡିଆ, ସୁଶ୍ରୀ ଲୀପରାଣୀ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ । ରୋଜାଲିନ ରାଜହଂସ ଓ ସୁପ୍ରିୟା ପ୍ରଧାନ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ଅଧ୍ୟାପକ ସୁବାଷ ଭୋଇ ଶିବିର ପରିଚାଳନା କରିଥିଲେ ।

**କଣ୍ଟାମାଳ:** ସ୍ଥାନୀୟ ପଞ୍ଚାୟତ ମହାବିଦ୍ୟାଳୟରେ ୮ ଦିନ ଧରି ଚାଲିଥିବା ଛାତ୍ରୀ ଆତ୍ମରକ୍ଷା ତାଲିମ୍ ଶିବିର ଉଦ୍‌ଯାପିତ ହୋଇଛି । ଅଧ୍ୟାପକ ପୌଲସ୍ତି ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଧ୍ୟାପିକା ନନ୍ଦିନୀ ସାମନ୍ତରା, କରିଶ୍ମା ତାଣ୍ଡିଆ, ଅଧ୍ୟାପକ ସମୀର ମେହେର ଯୋଗ ଦେଇଥିଲେ । ଶିଖା ମଲ୍ଲିକ, ପଞ୍ଚଦିନି ଜାନୀ ଉପସ୍ଥିତ ଥିଲେ । ନିର୍ମଳା ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ରାମଗଡ଼ରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ହରଭଙ୍ଗା,୬ ।୨(ସମିସ):** ରାମଗଡ଼ ମା ବାଉରୀ କ୍ରିକେଟ ଆସୋସିଏସନ୍ ତରଫରୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଛି । ଅଙ୍କିତ ଆଭେଞ୍ଜର ଓ ସିଦ୍ଧାନ୍ତ ଷ୍ଟ୍ରାଇକର ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ଅଙ୍କିତ ଆଭେଞ୍ଜର୍ ୨-୧ ରେ ସିରିଜ ଜିତି ଚାମ୍ପିଅନ ହୋଇଛି । ୧୫ ଓଭର ବିଶିଷ୍ଟ ପ୍ରଥମ ମ୍ୟାଚରେ ୯୨ ରନର ଟାର୍ଗେଟକୁ ପହଞ୍ଚିବାକୁ ଯାଇ ସିଦ୍ଧାନ୍ତ ଷ୍ଟ୍ରାଇକର ୮୯ ରନ୍‌ରେ ଅଲ୍ ଆଉଟ୍ ହୋଇଥଲା । ସେହିପରି ୧୦ ଓଭର୍ ମ୍ୟାଚରେ ୧୧୮ ରନ୍ କରି ଅଭେଞ୍ଜର୍ ଦଳ ଜିତିଥିଲା । ୫ ଓଭର ମ୍ୟାଚରେ ଷ୍ଟ୍ରାଇକର ଦଳ ସହଜ ବିଜୟ ହାସଲ କରିଥିଲା । ଅତିଥି ଭାବେ ଶୁଭେନ୍ଦୁ ଯୋଶୀ ଓ ପୂର୍ବତନ ଖେଳାଳି ଚିତ୍ତରଞ୍ଜନ ଭୋକ୍ତା ଯୋଗ ଦେଇଥିଲେ । ପ୍ରଭାତ ସେଠୀ, ଗଣେଶ ଭୋକ୍ତା, ଶ୍ରବଣ ଭୋକ୍ତା ପ୍ରମୁଖ ପରିଚାଳନା କରିଥିଲେ ।

## ଡେ କେୟାର ଅଭିଭାବକ ସଭା




**ମନମୁଣ୍ଡା,୬ ।୨(ସମିସ):** କଣ୍ଟାମାଳରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରେଆର ଦ୍ୱାରା ପରିଚାଳିତ ଉତ୍ସାହ ଡେ କେୟାର ଥେରାପି ସେଣ୍ଟରର ଭିନ୍ନକ୍ଷମ ଶିଶୁଙ୍କ ଅଭିଭାବକଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ପୂଝାରୀ ଏବଂ ରେଆର ଅନୁଷ୍ଠାନର ସାଧାରଣ ସମ୍ପାଦକ ଓ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନଙ୍ଗ ନେଗି ଅତିଥି ଭାବେ ଯୋଗ ଦେଇଥିଲେ । ବୀଣାପାଣି ଲୁହା ସମସ୍ତଙ୍କୁ ସ୍ୱାଗତ କରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଭୌତିକ ଚିକିତ୍ସକ ସୋମନାଥ ସାହୁ, ଆନନ୍ଦୀନି ଷାଣ୍ଢ, ଚୌଧୁରୀ ବାରିକ, ସ୍ୱାଧୀନ ରଣା, ମମତା କୁମ୍ଭାର, ସୁପ୍ରଭା ଜାନୀ ଓ ଟିକେଚନ ରଣା ପ୍ରମୁଖ ଉପସ୍ଥିତ ଥିଲେ ।

## ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ସାହିତ୍ୟିକ ସମ୍ବର୍ଦ୍ଧିତ



**ବୌଦ୍ଧ,୬ ।୨(ସମିସ):** ପ୍ରଥମ ବିଶ୍ୱ ଓଡ଼ିଆ ସମ୍ମିଳନୀ ଅବସରରେ ବୌଦ୍ଧଗଡ ଏନଏସି ପକ୍ଷରୁ ୩ ଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ମାଉସୀ ମା' ଗୋଷ୍ଠୀକେନ୍ଦ୍ରରେ ଆୟୋଜିତ ୩ ଦିନିଆ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ବୌଦ୍ଧ ସହରର ବିଶିଷ୍ଟ ସାହିତ୍ୟିକମାନଙ୍କୁ ଏଥିରେ ସମ୍ବର୍ଦ୍ଧିତ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ଅତିରିକ୍ତ ଜିଲ୍ଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର, ବୌଦ୍ଧ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଅତିଥି ଭାବରେ ଯୋଗ ଦେଇଥିଲେ । ବୌଦ୍ଧଗଡ ଏନଏସି ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ହାଡ଼ିବନ୍ଧୁ ମହାକୁଡ ମଞ୍ଚ ପରିଚାଳନା କରିଥିଲେ । ବରିଷ୍ଠ ସାହିତ୍ୟିକ କିଶୋର ମିଶ୍ର, ସତ୍ୟଜିତ ପଣ୍ଡା, ସୁଶାନ୍ତ ମହାପାତ୍ର, ରମେଶ ପ୍ରସାଦ ମେହେର, ଧ୍ରୁବ ଚରଣ ଘିବେଲା, ସଞ୍ଜୟ ପଣ୍ଡା, ପ୍ରତାପ ରଥ, କୃଷ୍ଣପ୍ରିୟା ହୋତା, ଶରତ ଚନ୍ଦ୍ର ପତି ପ୍ରମୁଖ ସାହିତ୍ୟିକଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରା ଯାଇଥିଲା

## କଣ୍ଟାମାଳ ଓ ଖଲିଆପାଲିରେ କିଶୋରୀ ମେଳା



**ଶଗଡ଼ା,୬ ।୨(ସମିସ):** ଶିଶୁ ବିକାଶ ପ୍ରକଳ୍ପ ଆନୁକୂଲ୍ୟରେ କଣ୍ଟାମାଳ ମିଶନ ଶକ୍ତି ଗୃହ ଓ ଖଲିଆପାଲି ପଞ୍ଚାୟତରେ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି । କଣ୍ଟାମାଳ ଶିଶୁ ବିକାଶ ଅଧିକାରୀ ଜ୍ୟୋସ୍ନାରାଣୀ ପାଢ଼ୀ ଓ ବିପିଏମ ରାକେଶ ମହାପାତ୍ର ଅତିଥି ଭାବରେ ଯୋଗ ଦେଇଥିଲେ ।

## ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ କ୍ରୀଡ଼ା ପ୍ରତିଯୋଗିତା

**ଶଗଡ଼ା,୬ ।୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଦମାମୁଣ୍ଡାସ୍ଥିତ ଜୟକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଅତିଥି ଭାବେ ସଙ୍କୀର୍ତ୍ତନ ପ୍ରଧାନ, ସତ୍ୟନାରାୟଣ ସାହୁ, କଲେଜ୍ ଅଧ୍ୟକ୍ଷା ପ୍ରିୟମ୍ବଦା ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଅଧ୍ୟାପକ ବାସୁଦେବ ସେଠୀ ମଞ୍ଚ ପରିଚାଳନା କରିଥିଲେ ।

## ୧୦ରୁ ପାତାଳୀ ମହୋତ୍ସବ

**ସୋନପୁର,୬ ।୨(ସମିସ):** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେପାତାଳୀ ମହୋତ୍ସବର ଚୂଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଅନ୍ୟା ଦାଶ ଏଥିରେ ପୌରୋହିତ୍ୟ କରିଥିଲେ । ଆସନ୍ତା ୧୦ ତାରିଖରୁ ୧୭ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି । ତେବେ ,ହି ବୈଠକରେ ପ୍ରଥମେ ବୀରମହାରାଜପୁର ଉପଜିଲ୍ଲାପାଳ ଲଲାଟେନ୍ଦୁ ସି ପ୍ରାରମ୍ଭିକ ସୂଚନା ଦେବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପାତାଳୀ ଟ୍ରଷ୍ଟର ବରିଷ୍ଠ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ପୀଠର ମହାତ୍ମ୍ୟ ବର୍ଣ୍ଣନା କରିଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ, ଉଲୁଣ୍ଡା ବିଡିଓ କରିସ୍ମା ବେଶ୍ରା, ଜିଲ୍ଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ,ଏଡିଏଚ୍ ହୃଷିକେଶ ଦାଶ, ଅଗ୍ନିଶମ ଅଧିକାରୀ ଧନଞ୍ଜୟ ମଲ୍ଲିକ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ରମେଶଚନ୍ଦ୍ର ସ୍ୱାଇଁ, ଉତ୍ତର ପାତ୍ର, ଦିଲୀପ ପାତ୍ର, ମହାଦେବ ସାହୁ, ଜାନକୀରାମ ଦେହେରୀ, ନଳିନୀ କାନ୍ତ ବାଘ ପ୍ରମୁଖ ଯୋଗ ଦେଇଥିଲେ ।

## ରାଜ୍ୟ ଦୁର୍ବିପାକ ପରିଚାଳନା ସଚେତନତା

**ସୁବଳୟା,୬ ।୨(ସମିସ):** ଓଡିଶା ରାଜ୍ୟ ଦୁର୍ବିପାକ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୋନପୁର ରେଆର ଦ୍ୱାରା ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ କମିରା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତସ୍ତରୀୟ ଦୁର୍ବିପାକ ପରିଚାଳନା ଯୋଜନା ବୈଠକ ସ୍ଥାନୀୟ ସରପଞ୍ଚ ଅନୁସୟା ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱାମିତ୍ର ସିଂ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ରେଆର କାର୍ଯ୍ୟକ୍ରମ ଅଧିକାରୀ ମିତ୍ରଭାନୁ ମଲ୍ଲିକ ପଞ୍ଚାୟତସ୍ତରୀୟ ଦୁର୍ବିପାକ ପରିଚାଳନା କମିଟି ଗଠନର ଆବଶ୍ୟକତା ବିଷୟରେ ଉପସ୍ଥାପନା କରିଥିଲେ । ସୁଦାମ ଗାଇଗରିଆ ଧନ୍ୟବାଦ ଦେଇଥିଲେ ।

## ମନମୁଣ୍ଡାରେ ଏସ୍‌ବିଏ ତାଲିମ




**ମନମୁଣ୍ଡା,୬ ।୨(ସମିସ):** କଣ୍ଟାମାଳ ବ୍ଲକ ମନମୁଣ୍ଡା ସରକାରୀ ହାଇସ୍କୁଲରେ ୩ଦିନିଆ ଏସବିଏ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ମନମୁଣ୍ଡା, ଗୁଡେଭେଲିପଦର୍, ଯୋଗିନ୍ଦ୍ରପୁର୍ ଆଞ୍ଚଳିକ ସାଧନ କେନ୍ଦ୍ରର ୧୫୦ ଜଣ ଶିକ୍ଷକ, ଶିକ୍ଷୟତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ । ମନମୁଣ୍ଡା ସିଆରସିସି ପ୍ରଜିନା ପାଢ଼ୀ ପରିଚାଳନା କରିଥିବାବେଳେ ତାଲିମଦାତା ଭାବେ ସିଆରସିସି ମନରଂଜନ ନାଏକ, ପ୍ରକାଶ ପୁରୋହିତ, ବିଭୀଷଣ ହୋତା ଯୋଗ ଦେଇଥିଲେ ।

## ବୁର୍ଲାକୁ ବସ୍ ଚଳାଚଳ ପାଇଁ ଜିଲ୍ଲାପାଳଙ୍କୁ ଦାବି




**ବୌଦ୍ଧ,୫ ।୨(ସମିସ):** ବୌଦ୍ଧ ବ୍ଲକ୍ ଲକ୍ଷ୍ମୀପ୍ରସାଦ ପଞ୍ଚାୟତରୁ ବୁର୍ଲାକୁ ବସ୍ ଚଳାଚଳ ପାଇଁ ସ୍ଥାନୀୟ ଅଞ୍ଚଳର ୪ଟି ପଞ୍ଚାୟତର ଜନସାଧାରଣ ଜିଲ୍ଲାପାଳଙ୍କ ନିକଟରେ ଦାବିପତ୍ର ପ୍ରଦାନ କରିଛନ୍ତି । ବୌଦ୍ଧ ବ୍ଲକ୍ କାର୍ଯ୍ୟାଳୟକୁ ଜିଲ୍ଲାପାଳ ଜେ ସୋନାଲ ଜନଶୁଣାଣି ଶିବିରକୁ ଆସିଥିବା ବେଳେ ଲକ୍ଷ୍ମୀପ୍ରସାଦ, ଖୁଣ୍ଟବନ୍ଧ, ତେଲିବନ୍ଧ ଓ ପଦ୍ମନପୁର ଗ୍ରାମର ଜନସାଧାରଣ ଦାବି କରିଥିଲେ ।

## ଶ୍ରୀଅରବିନ୍ଦ ଏଜୁକେଶନାଲ ଟ୍ରଷ୍ଟର ବାର୍ଷିକ ଉତ୍ସବ



**ସୁବଳୟା/ବୀରମହାରାଜପୁର,୬ ।୨(ସମିସ):**

ରାଣୀପୁରସ୍ଥିତ ଶ୍ରୀ ଅରବିନ୍ଦ ଏଜୁକେଶନାଲ ଟ୍ରଷ୍ଟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଭଗବାନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବୀରମହାରାଜପୁର ତହସିଲଦାର ଆମୃତଲାଲ ବେହେରା, ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ବୀରମହାରାଜପୁର ମହାବିଦ୍ୟାଳୟର ଅଧ୍ୟାପକ ପ୍ରକାଶ ସେଟ ଓ ସାହିତ୍ୟିକ ଦ୍ୱିତିକୃଷ୍ଣ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ମନୋରଞ୍ଜନ ଦାଶ ସଭାପରିଚାଳନା କରିଥିବାବେଳେ ନବାରୁଣ ଦେବଦତ୍ତ ଶତପଥୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ କର୍ମଯୋଗୀ ସମ୍ମାନରେ ବୀରମହାରାଜପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ନିରଞ୍ଜନ ଦାଶ, ସାମ୍ବାଦିକ ଯୁଗଳ ମିଶ୍ରଙ୍କୁ ସମାଜସେବୀ ପୁରସ୍କାର, କିଶୋର ହୋତାଙ୍କୁ କର୍ମବୀର ସମ୍ମାନରେ ସମ୍ମାନିତ କରାଯାଇଥିଲା । ଆଲୋକ ଦେହେରୀଙ୍କୁ ପ୍ରକୃତିବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଅରମାନ ପଣ୍ଡାଙ୍କୁ ମେଧା ସମ୍ମାନ ପ୍ରଦୀପ ମିଶ୍ରଙ୍କୁ ଶ୍ରେଷ୍ଠ ଅଭିଭାବକ ସମ୍ମାନ ପ୍ରଦାନ କରାଯାଇଥିଲା । ରଶ୍ମିତା ଷଡ଼ଙ୍ଗୀ, କିଶୋର ହୋତା, ସାମ୍ବାଦିକ ସନାତନ ନାଗ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ । ଶେଷରେ ମନୋଜ ସାହୁ ଧନ୍ୟବାଦ ଅର୍ପଣ କରିଥ । ଅନୁଷ୍ଠାନର ଆଶିଷ ଜଗଦଳା ଓ ଉଷାରାଣୀ ମହାରଥୀଙ୍କୁ ଶ୍ରେଷ୍ଠ ଶିକ୍ଷକ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଇପ୍ସିତା ପ୍ରିୟଦର୍ଶିନୀ ଦାଶ ଓ ରୁଦ୍ରନାରାୟଣ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

‘ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ’

# ଜନସାଧାରଣଙ୍କୁ ରୂପାନ୍ତରୀତ ଓଡ଼ିଶାର ବାର୍ତ୍ତା

କୋକସରା, ୬।୨(ସମିସ): ରାଜ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଛି ଲୋକକଳା ମାଧ୍ୟମରେ ରୂପାନ୍ତରିତ ଓଡ଼ିଶା ଅଭିଯାନ। ସୋମବାରଠାରୁ ଏହି ଅଭିଯାନ କୋକସରା ବ୍ଲକରେ ଆରମ୍ଭ ହୋଇଛି। ବ୍ଲକର ୨୨ଟି ପଞ୍ଚାୟତର ୭୨ ଗୋଟି ଗ୍ରାମକୁ ପର୍ଯ୍ୟାୟ କ୍ରମେ ବିଭିନ୍ନ ତାଲିମ ପ୍ରାପ୍ତ ଲୋକକଳା ଦଳ ରାଜ୍ୟ ସରକାରଙ୍କ ୧୫ଟି ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନତା ସୃଷ୍ଟି କରିବେ।




ପ୍ରଥମ ଦିନରେ ଲଡୁଗାଁ, ଗମ୍ଭାରୀଗୁଡା, କାଉଡୋଲା, ଆମପାଣି, ଡାଲଗୁମା, କାଶିବାହାଲ, ବଡ଼ପୋଡ଼ାଗୁଡ଼ା ଓ ରେଙ୍ଗାଲପାଲି ସମେତ ୮ ଟି ଗ୍ରାମ ପଞ୍ଚାୟତରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ କଳାହାଣ୍ଡିର ବିରବାଦ୍ୟ ଘୁମୁରା ଦଳ ସହ ଅନେକ ସାଂସ୍କୃତିକ ଦଳ ସାମିଲ ହୋଇଛନ୍ତି। ଏହି ଦଳ ଗୁଡ଼ିକ ଦ୍ୱାରା ଲୋକେ ସହଜରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ସଚେତନ ହେବା ସହ ବିକାଶ ଓ ରୂପାନ୍ତରିତ ଓଡ଼ିଶାର ବାର୍ତ୍ତା ପାଇଛନ୍ତି।

ଲାଞ୍ଜିଗଡ଼: କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ରୋଡ଼ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ଼ ରୋଡ଼ ସରପଞ୍ଚ ମମତା ଶବରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ତଥା ଲାଞ୍ଜିଗଡ଼ ପୂର୍ବତନ ବିଧାୟକ ଶିବାଜୀ ମାଝୀ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବ୍ଲକ ଏଇ ସାଲଖୁ ହେମ୍ବ୍ରମ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ଼ ଜୋନ -୧ ଜିଲ୍ଲା ପରିଷଦ ସଦସ୍ୟା ଅଞ୍ଜଳି ମାଝୀ, ଜୋନ୍-୨ ଜିଲ୍ଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ଲାଞ୍ଜିଗଡ଼ ବ୍ଲକ ସମିତି ସଭ୍ୟ ସଭାପତି ଜଗଦୀଶ ବେନିଆ, ବିଜେଡି ଯୁବ ସଭାପତି ଡିଲେଶ ନାଗ, ଜୋନ-୨ ବିଜେଡି ସଭାପତି ଚନ୍ଦ୍ର ଶେଖର ମହାପାତ୍ର, ଲାଞ୍ଜିଗଡ଼ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଟଙ୍କଧର ମାଝୀ, ଜିପିଓ ସରୋଜ ପ୍ରଧାନ, ଏପିଓ ସଙ୍ଗୀତ ପରିଡ଼ା, ଲାଞ୍ଜିଗଡ଼ ରୋଡ଼ ପୂର୍ବତନ ସମିତି ସଭ୍ୟ କୌନଜ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଶିବିରରେ ଲାଞ୍ଜିଗଡ଼ ରୋଡ଼ ପଞ୍ଚାୟତ ନିର୍ବାହି ଅଧିକାରୀ ଡମ୍ବୁରୁଧର ସେନାପତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏଥିରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ଉଦ୍ୟାନ, କୃଷି, ଶିକ୍ଷା, ପ୍ରାଣୀ ସମ୍ପଦ, ଜଙ୍ଗଲ, ସ୍ୱାସ୍ଥ୍ୟ, ବିଦ୍ୟୁତ ବିଭାଗର ଷ୍ଟଲ୍ ଲାଗିଥିଲା। ଏହି ଶିବିରରେ ମଞ୍ଚ ପରିଚାଳନାରେ ଗୋପାଳ ଦାସ ମହାନନ୍ଦ ସହଯୋଗ କରିଥିଲେ।

**ଥୁଆମୂଳ ରାମପୁର:** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ସିନ୍ଧିପଦର ଠାରେ ଗ୍ରାମ ପଞ୍ଚାୟତସ୍ତରୀୟ ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ଲୋକାଭିମୁଖୀ ଯୋଜନା ମାଧ୍ୟମରେ ମିଳୁଥିବା ସୁବିଧା ସୁଯୋଗ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସିନ୍ଧିପଦର ଗ୍ରାମ ପଞ୍ଚାୟତର ସରପଞ୍ଚ ଗୀତାଞ୍ଜଳୀ ମାଝୀଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ମାଝୀ ମୁଖ୍ୟଅତିଥି, ଲାଞ୍ଜିଗଡ଼ ବିଧାୟକଙ୍କ ବ୍ଲକ ପ୍ରତିନିଧି ମାଣିକ୍ୟ ଚନ୍ଦ୍ର ନାଏକ, ବ୍ଲକ କନିଷ୍ଠ ଯନ୍ତ୍ରୀ ମଳୟ ଶତପଥି, ବ୍ଲକ ବିଜେଡି ସଭାପତି କପିଳାସ ନାଏକ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଗୋବିନ୍ଦ ପ୍ରଧାନୀ, ଥୁଆମୂଳ ସରପଞ୍ଚ ବଳଭଦ୍ର ଜାନୀ, ସିଆରସିସି ଯଦୁମଣି ନାଏକ ଏବଂ ସ୍ଥାନୀୟ ନାଏବ ସରପଞ୍ଚ ଏବଂ ୱାର୍ଡ ସଭ୍ୟ ସଭ୍ୟା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଗ୍ରାମ ପଞ୍ଚାୟତର ଆଦର୍ଶ ଶିକ୍ଷକ, ଅଙ୍ଗନବାଡି, ଆଶାକର୍ମୀ ଏବଂ ଉକ୍ତ ପଞ୍ଚାୟତର ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ସ୍ୱରୂପ ମାନପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ମାନେ ନୃତ୍ୟ ପରିବେଷଣ କରିଥିଲେ। ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟଲ ଖୋଲାଯାଇଥିଲା। ଥୁଆମୂଳ ଗ୍ରାମ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୋମଦତ୍ତ ପଣ୍ଡାଙ୍କ ସମେତ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମକୁ ସଫଳତାର ସହ ସହଯୋଗ କରିଥିଲେ।



**ଜୟପାଟଣା:** ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ସକାଶେ ରାଜ୍ୟ ସରକାରଙ୍କ ପ୍ରୟାସରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଜୟପାଟଣା ବ୍ଲକ ଭେଜିଗୁଡା ଗ୍ରାମ୍ ପଞ୍ଚାୟତ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଯଦୁମଣି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ, ମୁଖ୍ୟବକ୍ତା ଜୟପାଟଣା ବିଡିଓ ଧର୍ମରାଜ ମାଝୀ, ସମାଜସେବୀ ସୁଧୀର ମୁଣ୍ଡ, ସରୋଜ ସାହୁ, ଜିପିଓ ହେମନ୍ତ ଭୋଇ, ସୁକାନ୍ତି ହାତୀ, ସମସ୍ତ ୱାର୍ଡ ସଭ୍ୟ ସଭ୍ୟା, ସହକାରୀ କୃଷି ଅଧିକାରୀ ଝରଣା ନାଏକ, ବାଣ୍ଡି ଗାଁ ଏଲଆଇ ଲଭଚନ୍ଦ୍ର ଭାନୁ ଗହୀର, ଶିକ୍ଷାବିତ୍ ରଜନୀକାନ୍ତ ସାହୁ, ବିପିଟି ଜସ କିରଣ ବେଶରା, ଜଙ୍ଗଲ ବିଭାଗର ଜୟଦେବ ପୁଝାରୀ, ସୁକାନ୍ତି କଣ୍ଡା ନାଏବ ସରପଞ୍ଚ ଓ ପିଇଓ ସୁରେନ୍ଦ୍ର କୁମାର ବେଶରା ପରିଚାଳନା କରିଥିଲେ। ହାସ୍ୟ ଅଭିନେତା ଚନ୍ଦନ ଶତପଥି ଉପସ୍ଥିତ ଲୋକଙ୍କ ମନୋରଞ୍ଜନ କରିଥିଲେ।

**ଲାଞ୍ଜିଗଡ଼:** ଲାଞ୍ଜିଗଡ଼ ବ୍ଲକ ପୋଖରିବନ୍ଧ ପଞ୍ଚାୟତରେ ମଙ୍ଗଳବାର ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପୋଖରୀବନ୍ଧ ସରପଞ୍ଚ ସସ୍ମିତା ମାଝୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ତଥା ଲାଞ୍ଜିଗଡ଼ ପୂର୍ବତନ ବିଧାୟକ ଶିବାଜୀ ମାଝୀ ଯୋଗ ଦେଇ ଥିବାବେଳେ ବିଶିଷ୍ଟ ଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର ଏବଂ ମୁଖ୍ୟବକ୍ତା ଭାବେ ଏଇ ସାଲଖୁ ହେମ୍ବ୍ରମ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନାଏବ ସରପଞ୍ଚ ପବିତ୍ର ବିଭାର, ଜିପିଓ ପ୍ରଦୀପ କୁମାର ଠାକୁର, ମିଶନ ଶକ୍ତି ବିଭାଗ ବିପିଓ ସଞ୍ଜୀବ କହଁର, ଚମ୍ପଦେଇପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରମୋଦ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଶିବିରରେ ପୋଖରବନ୍ଧ ପଞ୍ଚାୟତ ନିର୍ବାହି ଅଧିକାରୀ ଭୀଷ୍ମ ମେହେର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଗୋପାଳ ଦାସ ମହାନନ୍ଦ ମଞ୍ଚ ପରିଚାଳନାରେ ସହଯୋଗ କରିଥିବା ବେଳେ ଭୀଷ୍ମ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।




**କେସିଙ୍ଗା:** ପଞ୍ଚାୟତ ପଞ୍ଚାୟତ ବୁଲି ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନ ରଥ ମଙ୍ଗଳବାର କନ୍ତେଶିର ଗ୍ରାମ ପଞ୍ଚାୟତରେ ପହଞ୍ଚିଛି। କୁନି କୁନି କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ କେସିଙ୍ଗା ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି ଓ ସମ୍ମାନିତ ଅତିଥି ଭାବରେ କେସିଙ୍ଗା ବିଡ଼ିଓ ପଦ୍ମନାଭ ପୁରୋହିତ, ଏ ବିଡ଼ିଓ ସିଦ୍ଧେଶ୍ୱର ମେହେର, କନ୍ତେଶିର ଗ୍ରାମ ପଞ୍ଚାୟତ ସରପଞ୍ଚ ମମତାରାନୀ ନାଗ, ପିଏସ ମେମ୍ବର ପିଙ୍କି ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଲମ୍ବୋଦର ଶିକ୍ଷା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କେସିଙ୍ଗା ଡ୍ରଗ ଡିଲର ସଙ୍ଗଠନର ସାଧାରଣ ବୈଠକ




କେସିଙ୍ଗା, ୬।୨(ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ଡ୍ରଗ ଡିଲର ମାନଙ୍କର ଏକ ସାଧାରଣ ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ ହୋଇ ଯାଇଛି। କେସିଙ୍ଗା ଅଞ୍ଚଳର ୫୦ ଜଣ ଡିଲର ଏଥିରେ ଯୋଗଦେଇ ନୂତନ କର୍ମକର୍ତ୍ତା ଚୟନ କରିଥିଲେ। ସଭାପତି ଭାବରେ ଲାୟନ୍ ବିଜୟ କୁମାର ଜୈନ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇ ଥିବା ବେଳେ ସମ୍ପାଦକ ପଦ ପାଇଁ ହୋଇଥିବା ନିର୍ବାଚନରେ ସୁବାସ କୁମାର ଅଗ୍ରୱାଲ ବିଜୟୀ ହୋଇଥିଲେ।

## ପଣ୍ଡରାମାଳି ସେବା ସଙ୍ଘ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ



ଧର୍ମଗଡ଼, ୬।୨(ସମିସ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ନଗରସ୍ଥିତ କେଡି ପଣ୍ଡରା ମାଳି ସମାଜ ଭବନ ଠାରେ ଜିଲ୍ଲା ସଭାପତି ଈଶ୍ୱର ପୂଝାରୀଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକକୁ ସମ୍ପାଦକ ବିଷ୍ଣୁ ପ୍ରସାଦ ନାଏକ ପରିଚାଳନା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ କୁଳପତି ପ୍ରକାଶ ଚନ୍ଦ୍ର ନାଏକ, ଉପସଭାପତି ବିଦ୍ୟାଧର ନାଏକ, ସାଙ୍ଗଠନିକ ସମ୍ପାଦକ କୈଳାସ ଚନ୍ଦ୍ର ବଣିଆ, ଗୋଲାମୁଣ୍ଡା ବ୍ଲକ ସଭାପତି ରାହାସ ବିହାରୀ ନାଏକ, ଧର୍ମଗଡ଼ ସଭାପତି ଫକୀର ନାଏକ, ଦଣ୍ଡପାଟ ସଭାପତି ଅମିନ ରଣା, ବରିଷ୍ଠ କାର୍ଯ୍ୟକର୍ତ୍ତା ଉମାଶଙ୍କର ପୁଝାରୀ, କ୍ଷୀରୋଦ ମାଝୀ, ରାଘବ ନାଏକ, ଜୟ ଶଙ୍କର ନାଏକ, ଦେବରାଜ ନାଏକଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ବରିଷ୍ଠ କାର୍ଯ୍ୟକର୍ତ୍ତା ପିତାମ୍ବର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁଇଟି ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

କଳମପୁର, ୬।୨(ସମିସ): କଳାହାଣ୍ଡି ଜିଲ୍ଲା କଳମପୁର ଗୋଷ୍ଠୀ ଶିକ୍ଷା ବିଭାଗ ଅଧୀନରେ ଥିବା ଅଚ୍ୟୁତାନନ୍ଦ ଉଚ୍ଚ ବିଦ୍ୟାଳୟ ଧନପୁର ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟ ମୀନଗୁର ପକ୍ଷରୁ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଭାପତି ତଥା ବାର୍ଷିକ ଉତ୍ସବର ସଭାପତି ପ୍ରିୟରଞ୍ଜନ ମାଝୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କଳମପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସ୍ମିତା ନାଏକ, ସମ୍ମାନିତ ଅତିଥି ଜିଲ୍ଲା ପରିଷଦ ସଭ୍ୟା ଦୁହିତା ମାଝୀ, ମୀନଗୁର ପଞ୍ଚାୟତ ସରପଞ୍ଚ ନିହାରିକା ବେହେରା, ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଭାକର ଲହଜଲ, ମୀନଗୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜିତେନ୍ଦ୍ର ପ୍ରସାଦ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ଦିଗଦର୍ଶନ ପ୍ରଦାନ କରିବା ସହ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କୃତ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟରେ ଶିକ୍ଷକତା କରି ଅବସର ନେଇଥିବା ଶିକ୍ଷକ ଯୁଗଳ କିଶୋର ସାହୁ, ଅଭିମନ୍ୟୁ ପଣ୍ଡା, କ୍ରୀଡା ଶିକ୍ଷକ ସୁଶିଲ ପଣ୍ଡା, ବାସୁଦେବ ସାହୁ, ଆନନ୍ଦ ନାଏକ, ମିନଗୁର କ୍ଲଷ୍ଟର ସିଆରସିସି ରୁଦ୍ରାକ୍ଷର ନିଆଁଲଙ୍କ ସହ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସହ ମାଧ୍ୟମିକ ଶିକ୍ଷକ ପୁରସ୍କାର ଲାଭ କରିଥିବା ଅନିଲ ମାଝୀଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା।



## ମଡର୍ଣ୍ଣ ପବ୍ଲିକ୍ ସ୍କୁଲର ୧୧ତମ ବାର୍ଷିକୋତ୍ସବ




ଭବାନୀପାଟଣା, ୬।୨(ସମିସ): ମଡର୍ଣ୍ଣର୍ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ମହାସମାରୋହରେ ପାଳନ ହୋଇଯାଇଛି। ବିଦ୍ୟାଳୟର ନିର୍ଦ୍ଦେଶକ ମହମ୍ମଦ ୟୁସୁଫ ଆବାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ବିଇଡି ବିଭାଗ ମୁଖ୍ୟ ଡ଼. ତ୍ରିଲୋଚନ ବେଉରା ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ବିଦ୍ୟାଳୟର ଉପଦେଷ୍ଟା ତଥା ଶ୍ରୀ ସତ୍ୟସାଇ ବିଦ୍ୟାମନ୍ଦିରର ଅଧ୍ୟକ୍ଷ ଡ. ଉମେଶ ଚନ୍ଦ୍ର ଶତପଥୀ ଯୋଗଦାନ କରିଥିଲେ। ମହାବୀର ସାଂସ୍କୃତିକ ଅନୁଷ୍ଠାନର ଅଧ୍ୟକ୍ଷ ଶାନ୍ତନୁ ବେହେରା, ସାମ୍ବାଦିକ ଲଳିତ କାନୁନଗୋସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଶିକ୍ଷୟତ୍ରୀ ଦେବଶ୍ରିତା ରଥ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷୟତ୍ରୀ ଲିଜ ଜାନି ବାର୍ଷିକ ବିବରଣୀ ପାଠ କରିଥିଲେ।

## ଢେପଗୁଡ଼ା ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ଭେଟିଲେ ଏସ୍‌ଡିସି ଅଧ୍ୟକ୍ଷ

ଲାଞ୍ଜିଗଡ଼, ୬।୨(ସମିସ): ପୋଖରୀବନ୍ଧ-ସିକେରକୁପା ରାସ୍ତା ଢେପଗୁଡା ଘାଟିରେ ଆଲୁମିନା ବୋଝେଇ କଣ୍ଟେନର ଧକ୍କାରେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ ଗାଁର ଦୁଇ ଜଣ ବ୍ୟକ୍ତିଙ୍କ ଦୁଃଖଦ ମୃତ୍ୟୁ ପରେ ଗାଁରେ ଶୋକର ଛାୟା ଖେଳିଯାଇଛି। ଏହାକୁ ନେଇ ଗଭୀର ଶୋକ ପ୍ରକାଶ କରିବା ସହିତ ମୃତକଙ୍କ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇଛନ୍ତି କଳାହାଣ୍ଡି ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଶିବାଜୀ ମାଝୀ। ମଙ୍ଗଳବାର ଶ୍ରୀ ମାଝୀ ମୃତକ ଅରୁଣ ଧଙ୍ଗଡାମାଝୀ ଓ ପଦ୍ମଲୋଚନ ପାତ୍ରଙ୍କ ଘରେ ପହଞ୍ଚି ସମବେଦନା ଜଣାଇବା ସହ କିଛି ଆର୍ଥିକ ସାହାଯ୍ୟ କରିଥିଲେ। ତାଙ୍କ ସହିତ ବିଜେଡି ନେତା ହିମାଦ୍ରୀ ପେସନିଆ, ମନୋରଞ୍ଜନ ବିଶି, ପାତ୍ର ମାଝୀ, ଦେବାଶିଷ ରଞ୍ଜନ ବିଶି ପ୍ରମୁଖ ଉପସ୍ଥିତ ଥିଲେ।

## ଡୁଡ଼ାଲୁ-ଶିଆଳମାଳ ରାସ୍ତା କାର୍ଯ୍ୟରେ ବ୍ୟାପକ ଅନିୟମିତତା

ଭବାନୀପାଟଣା/ନର୍ଲା, ୬।୨(ସମିସ): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ କୁର୍ମେଲ ଗ୍ରାମ ପଞ୍ଚାୟତ ଅଧିନସ୍ଥ ଡୁଡ଼ାଲୁ ଗ୍ରାମରୁ ଶିଆଳମାଳକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣରେ ଦଶ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଛି।




ପ୍ରାପ୍ତ ସୂଚନା ଅନୁଯାୟୀ ପୂର୍ତ୍ତ ବିଭାଗ ରାସ୍ତା ଏବଂ ପୋଲ ନିର୍ମାଣ କାର୍ଯ୍ୟ ପାଇଁ ୯ ଲକ୍ଷ ୫୦ ହଜାର ଏବଂ ମନରେଗା ଯୋଜନାରେ ଶ୍ରମିକମାନଙ୍କ ପାଇଁ ୫ ଲକ୍ଷ ୬୨ ହଜାର ସମୁଦାୟ ୧୫ ଲକ୍ଷ ୧୨ ହଜାର ଟଙ୍କା ୨୦୨୨-୨୩ ମସିହାରେ ଖର୍ଚ୍ଚ କରାଯାଇଥିବା ସୂଚନା ରହିଛି। କିନ୍ତୁ ସମ୍ପୃକ୍ତ କାର୍ଯ୍ୟରେ ନିୟୋଜିତ ଥିବା ଠିକାଦାର ତଥା କୁର୍ମେଲ୍ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ତହସିଲ ସାହୁ ଏହି କାର୍ଯ୍ୟଟିକୁ ଅତି ନିମ୍ନ ମାନର କରିବା ସହ ନିୟୋଜିତ ଶ୍ରମିକମାନଙ୍କୁ ବର୍ଷେରୁ ଅଧିକ ସମୟ ଧରି ପାରିଶ୍ରମିକ ନ ଦେବା ଏବଂ ରାସ୍ତା କାର୍ଯ୍ୟରେ ଅନୁମୋଦନ ପାଇଥିବା ପୋଲ କାର୍ଯ୍ୟ ନ କରି ମିଥ୍ୟା ବିଲ୍ କରି ଅର୍ଥ ଆତ୍ମସାତ କରିଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଅଭିଯୋଗକାରୀ ଗ୍ରାମବାସୀ ଓ ସ୍ଥାନୀୟ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ ସ୍ଥାନୀୟ ନର୍ଲା ବିଡ଼ିଓଙ୍କୁ ଜଣାଇବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପରେ ସମ୍ପୃକ୍ତ ଠିକାଦାର ପ୍ରତିକ୍ରିୟାଶୀଳ ହୋଇ ମାଁ ମାନଙ୍କର ରାସନ୍ କାର୍ଡ କାଟିଦେବି କହି ଧମକ୍ ଦେଇଥିବା ମହିଳାମାନେ ଅଭିଯୋଗ ଆଣିଛନ୍ତି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଆଲୋକ କୁମାର ନାଏକଙ୍କୁ ପଚାରିବାରୁ ସେହି କାର୍ଯ୍ୟରେ କୌଣସି ପ୍ରକାର ଅନିୟମିତତା ହୋଇନାହିଁ କିମ୍ବା କୌଣସି ସରକାରୀ ଅର୍ଥ ଦୂରୁପଯୋଗ ହୋଇ ନ ଥିବା ପ୍ରକାଶ କରିଛନ୍ତି।

# ସାଧୁ ମେହେରଙ୍କ ତିରୋଧାନ ଶୂନ୍ୟସ୍ଥାନ ସୃଷ୍ଟି କରିଛି



ଭବାନୀପାଟଣା, ୬।୨(ସମିସ): ପଶ୍ଚିମ ଓଡ଼ିଶାର ଯେଉଁ କେତେକ ମଞ୍ଚ ଅଭିନେତା ତଥା ଚଳଚ୍ଚିତ୍ର ନିର୍ମାତା ଓ ନିର୍ଦ୍ଦେଶକ ଅଛନ୍ତି ସେମାନଙ୍କ ମଧ୍ୟରୁ ସ୍ୱର୍ଗତ ସାଧୁ ମେହେର ଉଚ୍ଚାରଣରେ ସ୍ୱର୍ଦ୍ଧିତ ଓ ସମୃଦ୍ଧ ଅଭିନୟ ତାଙ୍କ ବ୍ୟକ୍ତିତ୍ୱର ଭିନ୍ନ ଏକ ଦିଗ। ସେ ଜଣେ ଅନନ୍ୟ ଅସାଧାରଣ ପ୍ରତିଭାର ଅଧିକାରୀ। ତେବେ ଅନେକ ଜଟିଳତା ଭିତରେ ବହୁ ମୌଳିକ ଚଳଚ୍ଚିତ୍ର ନିର୍ମାଣ ସହିତ ବଳିଷ୍ଠ ଅଭିନୟରେ ଅନ୍ୟର ହୃଦୟରେ ଛାପ ଛାଡିଯିବାର ଦକ୍ଷତା ଆଜି ସମସ୍ତଙ୍କ ମନକୁ ଆନ୍ଦୋଳିତ କରିଛି। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅଭିନେତା ସାଧୁ ମେହେର ଭଳି ତାତ୍ତ୍ୱିକ ପୁରୁଷଙ୍କ ତିରୋଧାନ ଚଳଚ୍ଚିତ୍ର ଜଗତରେ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ସାଧୁ ମେହେରଙ୍କ ଅବର୍ତ୍ତମାନରେ କଳାହାଣ୍ଡିରେ ଅଭିନୟକୁ ପ୍ରାଣଭରି ଭଲ ପାଉଥିବା ନାଟ୍ୟ ମଣିଷମାନେ ନିଜ ଦୁଃଖକୁ ନିୟନ୍ତ୍ରଣ କରିପାରିନାହାନ୍ତି। ସେମାନଙ୍କ ଅଭିବ୍ୟକ୍ତିରୁ କିଛି...

ସାଧୁ ମେହେର ବାସ୍ତବରେ ଜଣେ ମଞ୍ଚ ମଣିଷ। ଚଳଚ୍ଚିତ୍ର ତାଙ୍କୁ ସମଗ୍ର ଭାରତବର୍ଷ କାହିଁକି ବିଶ୍ୱସ୍ତରରେ ସୁନାମ ଅର୍ଜିବାର ସୁଯୋଗ ଦେଇଥିଲେ ମଧ୍ୟ ଅଭିନୟର ମୂଳ ଚେର ହେଉଛି ମଞ୍ଚ ଅଭିନୟ। ସାଧୁ ମେହେରଙ୍କ ସରଳତା, ସାଧୁତା ଗୁଣ ଓ ଅଭିନୟରେ ନିଷ୍ଠା ନିଶ୍ଚିତ ରୂପେ ଆଗାମୀ ପୀଢ଼ିଙ୍କ କ୍ଷେତ୍ରରେ ବଡ଼ ଉଦାହରଣ ସାଜିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ଆଜି ଓଡ଼ିଶାର ସମସ୍ତ ମଞ୍ଚ ଅଭିନେତା ଏବଂ ଚଳଚ୍ଚିତ୍ର ସହ ଯୋଡିହୋଇଥିବା କଳାକାର ମାନଙ୍କ ପାଇଁ ଅପୂରଣୀୟ କ୍ଷତି।



-ପ୍ରବୋଧ ରଥ
ସଚିବ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ

ପଦ୍ମଶ୍ରୀ ସାଧୁ ମେହେର ଓଡ଼ିଆ ଚଳଚ୍ଚିତ୍ର ଜଗତର ପୁରୋଧା ସହିତ ଏକ ବିଚକ୍ଷଣ ଅଭିନେତା ଥିଲେ। ଅଭିନୟ ସାଙ୍ଗକୁ ତାଙ୍କ ବ୍ୟକ୍ତିତ୍ୱ ଏପରି ଥିଲା, ଯାହା ଆଜି ଯୁବପୀଢ଼ି ମାନଙ୍କ ପାଇଁ ପ୍ରେରଣାଦାୟୀ। ତାଙ୍କର ‘ଭୂଖା’ ଚଳଚ୍ଚିତ୍ରରେ ଏକ ମହୁରିଆ ଭୂମିକାରେ ଅବତୀର୍ଣ୍ଣ ହୋଇ ଦମଦାର ସ୍ୱର, ସଂଳାପ ଉଚ୍ଚାରଣ ଓ ଚିତ୍ତାକର୍ଷକ କଳା ଅଭିନୟ ସଭିଙ୍କୁ ଆଚମ୍ବିତ କରିଥିଲା। ସେ ବାସ୍ତବିକ୍ ଓଡ଼ିଆ ଚଳଚ୍ଚିତ୍ର ପାଇଁ ଥିଲେ ନିଷ୍ଠାପର ସାଧୁ, ଯୁଗଜନ୍ମା ସ୍ରଷ୍ଟା ଓ କଳାର କଳାମନ୍ତ ପୂଜାରୀ। ତାଙ୍କର ଅବର୍ତ୍ତମାନରେ ଓଡ଼ିଆ ସିନେ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି।



-ଲୋଚନୀ ବାଗ,, ସିନେ ଓ ମଞ୍ଚ ଅଭିନେତ୍ରୀ, ଭବାନୀପାଟଣା

ସାଧୁ ମେହେର ମୋର ଜଣେ ପ୍ରିୟ ଅଭିନେତା। ଓଡ଼ିଶାକୁ ଭାରତୀୟ ଚଳଚ୍ଚିତ୍ର ଜଗତରେ ସଫଳତା ଆଣି ଦେଇଥିବା ଏହି କଳାକାର ଜଣେ ଯୁଗପୁରୁଷ। ଅଭିନୟରେ ନିଷ୍ଠା ଓ ସାଧନା ତଥା ସାଲିସ ବିହୀନ କଳାପ୍ରେମୀ ହେବା ଭଳି ଏହି ବ୍ୟକ୍ତିତ୍ୱ ଜଣକ ସମସ୍ତ କଳାକାରଙ୍କ ଆଦର୍ଶ ହେବା ଉଚିତ। ତାଙ୍କର ବିୟୋଗ ଆମ ପାଇଁ ଏକ ଅପୂରଣୀୟ କ୍ଷତି। ତାଙ୍କର ଅମର ଆତ୍ମାର ଶ୍ରଦ୍ଧାଞ୍ଜଳି କାମନା କରୁଛି।



-ପରମେଶ୍ୱର ମୁଣ୍ଡ ନାଟ୍ୟକାର ତଥା ନିର୍ଦ୍ଦେଶକ, ଭବାନୀପାଟଣା

ସ୍ୱର୍ଗତ ପଦ୍ମଶ୍ରୀ ସାଧୁ ମେହେର ନିହାତି ଭାବେ ଆମ ସମସ୍ତ କଳାକାରମାନଙ୍କ ପାଇଁ ସବୁବେଳେ ପ୍ରେରଣାର ଉତ୍ସ ହୋଇ ରହିବେ। ପଶ୍ଚିମ ଓଡ଼ିଶାରୁ ଯାଇ ମାୟା ନଗରୀ ମୁମ୍ବାଇରେ ସବୁ ସମୟର କିମ୍ବଦନ୍ତୀ ଅଭିନେତା ଅଭିନେତ୍ରୀଙ୍କ ମଧ୍ୟରେ ନିଜକୁ ଅନ୍ୟତମ ଶ୍ରେଷ୍ଠ ଅଭିନେତା, ନିର୍ଦ୍ଦେଶକ, ସମ୍ପାଦକ ଓ ପ୍ରଯୋଜକ ଭାବରେ ପ୍ରତିଷ୍ଠିତ କରିବା ସର୍ବୋତ୍ତମ ସାଧନା। ଭାରତୀୟ ଚଳଚ୍ଚିତ୍ର ଜଗତ ପାଇଁ ଏକ ଅପୂରଣୀୟ କ୍ଷତି।



-ନାଟ୍ୟଭୂଷଣ ପ୍ରଦୀପ ଡି ମାଝୀ
ନାଟ୍ୟକାର ଓ ନିର୍ଦ୍ଦେଶକ, ଭବାନୀପାଟଣା

ଓଡ଼ିଶାର ତଥା ପଶ୍ଚିମାଞ୍ଚଳର ପ୍ରଖ୍ୟାତ ମଞ୍ଚ ଅଭିନେତା ଓ ନିର୍ଦ୍ଦେଶକ ଏବଂ ଚଳଚ୍ଚିତ୍ର ଜଗତର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଚଣ୍ଡ ପ୍ରତିଭା ସ୍ୱର୍ଗତ ସାଧୁ ମେହେରଙ୍କ ମୃତ୍ୟୁ ଖବର ମର୍ମାହତ କରିଛି। ସେ ହିନ୍ଦୀ ଓ ଓଡ଼ିଆ ଚଳଚ୍ଚିତ୍ରରେ ବହୁ ସୁନାମ ଅର୍ଜନ କରିଛନ୍ତି। ତାଙ୍କ ଅବର୍ତ୍ତମାନରେ ଆଜି ସାରା ରାଷ୍ଟ୍ର ଶୋକ ଜର୍ଜରିତ। ଭଗବାନ ସେହି ମହାନ ଆତ୍ମାର ସଦଗତି କରନ୍ତୁ ଏତିକି କାମନା।



ଅଶୋକ ପାତ୍ର, ମଞ୍ଚ ଅଭିନେତା, ଭବାନୀପାଟଣା

